## ଡ୍ରିମ୍ସ କୃଷି ବିଦ୍ୟାଳୟରେ ବିଶ୍ୱ ମହୁମାଛି ଦିବସ



**କଟକ, ୨୧।୫(ସମିସ):** ଡ୍ରିମ୍ସ କୃଷି ବିଦ୍ୟାଳୟର ବିଶ୍ୱ ମହୁମାଛି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଏବଂ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ବିଶେଷଜ୍ଞ ବକ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। 'ଡିନ୍' ଡ. କୁମ୍ଭକର୍ଣ୍ଣ ରାଉତଙ୍କ ପୌରୋହିତ୍ୟରେ ଓ ଗୁଗୁଲ୍ ମିଟ୍ ମାଧ୍ୟମରେ ଆୟୋଜିତ ଆଲୋଚନାଚକ୍ରରେ ବିଶିଷ୍ଟ କୃଷି ଓ କୀଟ ବିଜ୍ଞାନୀ ଓଡ଼ିଶାର ଅନୁକୂଳ ପରିବେଶକୁ ଉପଯୋଗ କରି ପ୍ରତ୍ୟେକ ଗାଁରେ ମହୁମାଛି ପାଳନକୁ ଜନ ଆନ୍ଦୋଳନରେ ପରିଣତ ଲାଗି ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା କୀଟ ବିଜ୍ଞାନୀ ପ୍ରଫେସର ରମାନାଥ ମହାପାତ୍ର ଭାରତରେ ମହୁମାଛିଙ୍କ ଇତିହାସ ଓ ଜନଜୀବନକୁ ପରିପୁଷ୍ଟ କରିବାରେ ଏହାର ସୁଦୂର ପ୍ରସାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଡ. ପି. ଘୋଷୀ, ଡ. ଶୁଭସ୍ମିତା ସାହୁ, ଡ. ଅନୀଲ ଜେନା, ଡ. ସରୋଜ ମଲ୍ଲିକ, ଡ. ପ୍ରବାସିନୀ ବେହେରା, ଡ. ସ୍ୱାଗତ ଶୁଭଦର୍ଶୀ ପ୍ରମୁଖ ଜୈବ ବିବିଧତା ନିମନ୍ତେ ପରାଗକାରୀ ମହୁମାଛିଙ୍କ ଭୂମିକା, ଗ୍ରାମାଞ୍ଚଳର ଆର୍ଥିକ ବିକାଶ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ମହୁମାଛି ପାଳନକୁ ବ୍ୟାପକ କରିବାର ଆବଶ୍ୟକତା ରହିଥିବା କହିଥିଲେ। ପ୍ରାଧ୍ୟାପକ ଡ. କୈଳାସ ଚନ୍ଦ୍ର ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରାଧ୍ୟାପକ ଡ. ମନୋରଞ୍ଜନ ମହାପାତ୍ର ସ୍ୱାଗତ ଅଭିଭାଷଣ ଏବଂ କୀଟ ବିଜ୍ଞାନୀ ଡ. ଆରାଧନା ପଣ୍ଡା ଆଲୋଚନା ଚକ୍ରର ପୃଷ୍ଠଭୂମି ଉପରେ ସୂଚନା ପ୍ରଦାନ କରିଥିଲେ। କୃଷି ସମ୍ପ୍ରସାରଣ ସହକାରୀ ପ୍ରାଧ୍ୟାପିକା ଡ. ପୁରବୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

**ମହୁମାଛି ପାଳନକୁ ଜନଆନ୍ଦୋଳନରେ ପରିଣତ ଲାଗି ଆହ୍ୱାନ**

## କବି ଦୀପାଳି ଦାସଙ୍କ କବିତା ସଙ୍କଳନ 'କ୍ୱାର୍ଟର' ଉନ୍ମୋଚିତ



**କଟକ, ୨୧।୫(ସମିସ):** କବି ଦୀପାଳି ଦାସଙ୍କ ପ୍ରଥମ କବିତା ସଙ୍କଳନ 'କ୍ୱାର୍ଟର' ଭୁବନେଶ୍ୱର ୟୁନିଟ-୯ସ୍ଥିତ ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ କବି ଡକ୍ଟର ଫନୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଡକ୍ଟର ଯତିନ୍ଦ୍ର ରାଉତ ଓ ଡକ୍ଟର ସଂଗ୍ରାମ ଜେନା ଯୋଗଦେଇ ପୁସ୍ତକର ସମୀକ୍ଷା କରିଥିଲେ। 'ଇଭେଣ୍ଟ୍ସ' ପ୍ରକାଶନ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ସମ୍ପର୍କରେ ପ୍ରକାଶକ ପ୍ରକାଶ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସ୍ରଷ୍ଟା ଦୀପାଳି ଦାସ ନିଜର ଲେଖକୀୟ ଅଭିବ୍ୟକ୍ତି ରଖିଥିବା ବେଳେ ରୁଦ୍ର ନାରାୟଣ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ 'ସମ୍ବାଦ' କଟକ ସଂସ୍କରଣ ମୁଖ୍ୟ କୃଷ୍ଣପ୍ରସାଦ ଦାସ ଓ ଅଜୟ ଖୁଣ୍ଟିଆ ଗ୍ରନ୍ଥରେ ଦୁଇଟି କବିତା ଆବୃତ୍ତି କରିଥିଲେ। ଶେଷରେ ଲେଖିକାଙ୍କ ସ୍ୱାମୀ ତଥା ମୁମ୍ବାଇ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ମହାପ୍ରବନ୍ଧକ ପ୍ରଶାନ୍ତ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଉକ୍ତ ସାରସ୍ୱତ ସମାରୋହରେ ବିଶିଷ୍ଟ ଲେଖକ ହରପ୍ରସାଦ ଦାସ, ଗାଳ୍ପିକ ରବି ସ୍ୱାଇଁ, ସରୋଜିନୀ ଦାସ, ଡକ୍ଟର ବିନୋଦିନୀ ଦାସଙ୍କ ସମେତ ସାହିତ୍ୟ ଜଗତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଆଠଗଡ଼, ୨୧।୫(ସମିସ):** ବାଙ୍କୀ ଥାନା ଅନ୍ତର୍ଗତ ମାଳବିହାରପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ପୋଖରୀରେ ବୁଡ଼ି ଗ୍ରାମର ଇନ୍ଦ୍ରଜିତ ଖଟୁଆ (୭୫) ଙ୍କର ମୃତ୍ୟୁ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ଜନିତ ପବନ ଓ ଘଡ଼ଘଡ଼ି ହେଉଥିବା ସମୟରେ, ଶ୍ରୀ ଖଟୁଆ ବିଲରୁ ନିତ୍ୟକର୍ମ ସାରି ପୋଖରୀରେ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଖବର ପାଇ ଆଠଗଡ଼ ଦମକଳ ବାହିନୀ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସରଣ୍ଡା ଫାଣ୍ଡି ଓ ଆଠଗଡ଼ ଥାନା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରୁଛି।

**'ବିକଶିତ ଓଡ଼ିଶା, ବିକଶିତ ଗାଁ' ଯୋଜନାର ଦୁରୁପଯୋଗ**

# ଦେବୋତ୍ତର ଜମିରେ ବିନା ଅନୁମତିରେ ଚାଲିଛି ରୋଷଘର ନିର୍ମାଣ

**ନିଶ୍ଚିନ୍ତକୋଇଲି, ୨୧।୫(ସମିସ)**

ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ଓ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଗ୍ରାମାଞ୍ଚଳରେ ରାଜ୍ୟ ସରକାରଙ୍କ ପ୍ରମୁଖ ଯୋଜନା 'ବିକଶିତ ଓଡ଼ିଶା, ବିକଶିତ ଗାଁ'ର ବ୍ୟାପକ ଦୁରୁପଯୋଗ ହେଉଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଛି। ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଥିବା ବେଳେ ବ୍ଲକର ଯନ୍ତ୍ରୀ (ଇଞ୍ଜିନିୟର)ଙ୍କ ଠାରୁ ଆରମ୍ଭ କରି ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ କେହି ବି ଏହାର ସଠିକ୍ ପରିଚାଳନା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଉନ୍ନୟନମୂଳକ ପ୍ରକଳ୍ପ ଆରମ୍ଭ ପୂର୍ବରୁ ସରକାରୀସ୍ତରରେ ପ୍ରସ୍ତୁତ ହେଉଥିବା ଫାଇଲ୍‌ରେ ଜମିଜମା ସଂକ୍ରାନ୍ତ ସଠିକ୍ ତଥ୍ୟ ଯାଞ୍ଚ କରା ନ ଯାଇ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳିଛି। ବ୍ଲକ ଅଧୀନ କୋଳଣପୁର ପଞ୍ଚାୟତ କୋଳଣପୁର ଗ୍ରାମରେ ଏଭଳି ଏକ ବେଆଇନ ନିର୍ମାଣ କାର୍ଯ୍ୟ ଚାଲିଥିବା ସାମ୍ନାକୁ ଆସିଛି। ଗ୍ରାମରେ ଥିବା ଥାନପାଳ ମନ୍ଦିର ନିକଟରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ଏକ ରୋଷଶାଳା (ରୋଷଘର) ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ବିଭାଗ ନାମରେ ଏହି କାର୍ଯ୍ୟାଦେଶ ଜାରି କରାଯାଇ ସ୍ଥାନୀୟ ନେତାଙ୍କ ସମର୍ଥକମାନେ ନିର୍ମାଣ କାର୍ଯ୍ୟ କରୁଛନ୍ତି। ତେବେ ଏହି ପ୍ରକଳ୍ପଟି କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଶ୍ରୀ ଶ୍ରୀ ବଳଦେବଜୀଉ ଏଣ୍ଡାଉମେଣ୍ଟ ନାମରେ ଥିବା ସମ୍ପତ୍ତି ଉପରେ କରାଯାଉଛି। କୋଳଣପୁର ଗ୍ରାମର ଖାତା ନଂ ୧୧୫/୧୩୦, ପ୍ଲଟ ନଂ ୧୧୮୦ ବିଶିଷ୍ଟ 'ଶାରଦ ଜଳ ଦୋଫସଲ' ଜମି ଉପରେ ଏହି ସ୍ଥାୟୀ କଂକ୍ରିଟ୍ ଗୃହ ତିଆରି ଚାଲିଛି। ଶ୍ରୀ ବଳଦେବଜୀଉ କାର୍ଯ୍ୟନିର୍ବାହୀ ସଂସ୍ଥା ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁଯାୟୀ, ଦେବୋତ୍ତର ଜମି ଉପରେ କୌଣସି ପ୍ରକଳ୍ପ କାର୍ଯ୍ୟ କରିବା ପୂର୍ବରୁ ବିଧିବଦ୍ଧ ଭାବେ ଦେବୋତ୍ତର ବିଭାଗର କୌଣସି ଅନୁମତି ନିଆଯାଇ ନାହିଁ। ବିନା ସରକାରୀ ଅନୁମତି ଓ ଜମିର ମାଲିକାନା ଯାଞ୍ଚ ନ କରି ବ୍ଲକ ପ୍ରଶାସନ କେଉଁ ଆଧାରରେ ଶ୍ରୀ ବଳଦେବଜୀଉଙ୍କ ଜମିରେ ସ୍ଥାୟୀ ନିର୍ମାଣ କରୁଛି, ତାହାକୁ ନେଇ କେନ୍ଦ୍ରାପଡ଼ା ଶ୍ରୀ ଶ୍ରୀ ବଳଦେବଜୀଉ ଏଣ୍ଡାଉମେଣ୍ଟ ପକ୍ଷରୁ ତୀବ୍ର ଆପତ୍ତି ଉଠାଯାଇଛି। ଏହି ସମ୍ପର୍କରେ ନିଶ୍ଚିନ୍ତକୋଇଲି ବିଡିଓ, କଟକ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଭୁବନେଶ୍ୱରସ୍ଥିତ ଦେବୋତ୍ତର କମିଶନରଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଏହି ବେଆଇନ କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରାଯାଇ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଣ୍ଡାଉମେଣ୍ଟ ପକ୍ଷରୁ ଦାବି କରାଯାଇଛି।



- ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ଓ ମନମୁଖୀ କାର୍ଯ୍ୟ
- ଜିଲ୍ଲାପାଳ ଓ ଦେବୋତ୍ତର କମିସନରଙ୍କ ନିକଟରେ ଫେରାଦ

**ଦରମା ପୁନର୍ବିନ୍ୟାସ ଦାବି**

## ଏସ୍‌ସିବି ଫାର୍ମାସୀ ଅଧିକାରୀ ସଂଘର ସ୍ମାରକପତ୍ର

**କଟକ, ୨୧।୫(ସମିସ):** ଓଡ଼ିଶା ଫାର୍ମାସୀ ଅଧିକାରୀ ସେବା ସଂଘ (ଓପିଏସଏ), ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ମେଡିକାଲ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରକୁ ସ୍ୱାସ୍ଥ୍ୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିକଟକୁ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି। ସଂଘ ପକ୍ଷରୁ ଦର୍ଶାଯାଇଛି ଯେ ହସ୍ପିଟାଲରେ ଔଷଧ କ୍ରୟ, ରକ୍ଷଣାବେକ୍ଷଣ, କେନ୍ଦ୍ରୀୟ ଔଷଧାଗାର ପରିଚାଳନା ଏବଂ ସମସ୍ତ ୱାର୍ଡ, ଓଟି, ରକ୍ତଭଣ୍ଡାର, ଆଇସିୟୁ ଓ ଜରୁରୀକାଳୀନ ବିଭାଗକୁ ସୁବଣ୍ଟନ କରିବାରେ ଫାର୍ମାସୀ ଅଧିକାରୀମାନେ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ଏହାସହ ନିରାମୟ କେନ୍ଦ୍ରରେ ରୋଗୀଙ୍କୁ ଔଷଧ ବିତରଣ, ସେବନ ପ୍ରଣାଳୀ ଓ ପାର୍ଶ୍ୱ ପ୍ରତିକ୍ରିୟା ବାବଦରେ ସେମାନେ ସଚେତନ କରୁଛନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିଲେ ମଧ୍ୟ ଓଡ଼ିଶାର ଫାର୍ମାସୀ ଅଧିକାରୀ ଅନ୍ୟ ରାଜ୍ୟ ତୁଳନାରେ ସବୁଠାରୁ କମ୍ ଦରମା ପାଉଛନ୍ତି। ଓଏସଆରପି ୨୦୧୭ ପେ ବ୍ୟାଣ୍ଡ ଅନୁସାରେ ଦରମା ପୁନର୍ବିନ୍ୟାସ କରିବାକୁ ଦାବି ହୋଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଓପିଏସଏ ଏସସିବି ଶାଖାର ସଭାପତି ରାଧାମାଧବ ଚୌଧୁରୀ, ସମ୍ପାଦକ ପ୍ରକାଶ ପ୍ରଧାନ, ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ସୁଧାଂଶୁ ଶେଖର ବାରିକଙ୍କ ସମେତ ଦିଲ୍ଲୀପ କୁମାର ସାହୁ, ନିରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ, ସାଇରାଜ ରାଉଳ, ବିଶ୍ୱଜିତ ସାମଲ, ରାଜେଶ ଆଚାର୍ଯ୍ୟ, ସ୍ନିଗ୍ଧାଶ୍ରୀ ବାରିକ, ଖିରାବ୍ଧି ତନୟା ଷଡ଼ଙ୍ଗୀ, ରାଜଶ୍ରୀ ନନ୍ଦିନୀ ସାହୁ, ସାଗରିକା ରଥ, ଇତିଶ୍ରୀ ପ୍ରଧାନ ଓ ଶାଖାର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



**କେଜରିୱାଲଙ୍କ ନଜରରେ ଓଡ଼ିଶା**

## ଆପ୍ ଲଢ଼ିବ ପୌର ଓ ପଞ୍ଚାୟତ ନିର୍ବାଚନ

**କଟକ, ୨୧।୫(ସମିସ):** ଓଡ଼ିଶା ଉପରେ ଏଣିକି ଆମ୍ ଆଦମୀ ପାର୍ଟି (ଆପ୍) ଅଧିକ ଧ୍ୟାନ ଦେବ ବୋଲି ଦଳର ସୁପ୍ରିମୋ ଅରବିନ୍ଦ କେଜରିୱାଲ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୪ ତାରିଖରେ ଦଳର ରାଜ୍ୟସଭା ସାଂସଦ ସଞ୍ଜୟ ସିଂ ଏବଂ ଦିଲ୍ଲୀ କ୍ୟାଣ୍ଟ ବିଧାୟକ ତଥା ଓଡ଼ିଶା ପ୍ରଭାରୀ ବୀରେନ୍ଦ୍ର ସିଂ କାଦିୟନ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେମାନେ ଭୁବନେଶ୍ୱରଠାରେ ଆୟୋଜିତ ଏକ ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀକୁ ସମ୍ବୋଧିତ କରିବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଶୀର୍ଷ ନେତାମାନଙ୍କ ସହ ଦିଲ୍ଲୀରୁ ଆଉ ୬ ଜଣ ସହ-ପ୍ରଭାରୀ ମଧ୍ୟ ଓଡ଼ିଶା ଆସିବେ। ଏହି ସ୍ୱେଶାଲ ଟିମ୍ ଆସନ୍ତା ୩ ମାସ ପର୍ଯ୍ୟନ୍ତ ଓଡ଼ିଶାରେ ଡେରା ପକାଇ ରାଜ୍ୟର ସମସ୍ତ ୧୪୭ଟି ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନକୁ ତୃଣମୂଳସ୍ତରରୁ ମଜବୁତ କରିବା ପାଇଁ ରଣନୀତି ପ୍ରସ୍ତୁତ କରିବେ। ଏହି ସାଂଗଠନିକ ପ୍ରସ୍ତୁତି ପରେ ଦଳର ସୁପ୍ରିମୋ ଅରବିନ୍ଦ କେଜରିୱାଲ ନିଜେ ଓଡ଼ିଶା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଆଗାମୀ ଦିନରେ ରାଜ୍ୟରେ ହେବାକୁ ଥିବା ସମସ୍ତ ପୌର ଓ ପଞ୍ଚାୟତ ନିର୍ବାଚନରେ ଆପ୍ ସମସ୍ତ ଆସନରେ ନିଜର ପ୍ରାର୍ଥୀ ଦେବ ବୋଲି ଦଳ ପକ୍ଷରୁ ସଙ୍କେତ ଦିଆଯାଇଛି।

## ରାସ୍ତାରେ ବୁଲିଲା ଖଣ୍ଡା: ସ୍କର୍ପିଓ, ୩ ଖଣ୍ଡା ସହ ୩ ଅଟକ

**ଫୁଲନଖରା, ୨୧।୫(ସମିସ):** କଟକ ସଦର ଥାନା ଅନ୍ତର୍ଗତ ପୁରୁଣା କାଚରାମାଳ ଗ୍ରାମରେ ଅପରାଧୀଙ୍କ ଆତଙ୍କରାଜ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଜନସାଧାରଣ ଅସୁରକ୍ଷିତ ମଣୁଛନ୍ତି। ବିଗତ ୧୦ ଦିନ ତଳେ ଚନ୍ଦନ ଯାତ୍ରା ସମୟରେ ଜଣେ ଯୁବକଙ୍କୁ ଖଣ୍ଡା ଆକ୍ରମଣ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ଅଛି। ଏହି ସ୍ଥିତିରେ ଗୁରୁବାର ଭୋର ପ୍ରାୟ ୫ଟା ସମୟରେ ପୁଣି ଏକ ସାଙ୍ଘାତିକ ଘଟଣା ସାମ୍ନାକୁ ଆସିଛି। ମିଳିଥିବା ସୂଚନା ମୁତାବକ, ଏକ ସ୍କର୍ପିଓ ଗାଡ଼ିରେ କିଛି ଦୁର୍ବୃତ୍ତ ମାରଣାସ୍ତ୍ର ସହ ଆସି ପୁରୁଣା କାଚରାମାଳ ରାସ୍ତା ଉପରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣିବା ପାଇଁ ଗୋଡ଼ାଇଥିଲେ। ଯୁବକ ଜଣକ ପ୍ରାଣ ବିକଳରେ ଦୌଡ଼ୁଥିବା ବେଳେ ଫୁଲ ତୋଳିବାକୁ ଆସିଥିବା ଜଣେ ମହିଳା ମଧ୍ୟ ଏହି ଦୃଶ୍ୟ ଦେଖି ଭୟରେ ଦୌଡ଼ୁଥିବାର ସିସିଟିଭି ଫୁଟେଜ୍ ଏବେ ମୋବାଇଲ୍‌ରୁ ମୋବାଇଲ୍‌କୁ ଭାଇରାଲ୍ ହେବାରେ ଲାଗିଛି। ବାଲିଘାଟ ବିବାଦ କିମ୍ବା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ଅପରପକ୍ଷରେ, ଖବର ପାଇ ସଦର ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସ୍କର୍ପିଓ ଗାଡ଼ି ଓ ୩ଟି ଖଣ୍ଡା ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୩ ଜଣ ଯୁବକଙ୍କୁ ଅଟକ ରଖିଛି। ଏ ସମ୍ପର୍କରେ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପ୍ରକାଶ କରିଛନ୍ତି।

## ଫେରାର ୩ ୱାରେଣ୍ଟି ଗିରଫ

**ତିଗିରିଆ, ୨୧।୫(ସମିସ):** ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ଥାଇ ଦୀର୍ଘ ଦିନ ହେବ ଫେରାର ଥିବା ୩ ଜଣ ଅଭିଯୁକ୍ତଙ୍କୁ ତିଗିରିଆ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ଅଚଳକୋଟ ପଞ୍ଚାୟତ ହରିଡ଼ାପଶି ଗ୍ରାମର ନକୁଳ ପରିଡ଼ା, ମହରଗି ପରିଡ଼ା ଏବଂ ପ୍ରଶାନ୍ତ ପରିଡ଼ା। ଏକ କୋର୍ଟ ୱାରେଣ୍ଟ ବଳରେ ସେମାନଙ୍କୁ ଗିରଫ କରାଯାଇଥିବା ନେଇ ତିଗିରିଆ ଥାନା ଆଇଆଇସି ରମାକାନ୍ତ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୦୧୫ ମସିହାରେ ହରିଡ଼ାପଶି ଗ୍ରାମରେ ଏକ ବଡ଼ଧରଣର ଗଣ୍ଡଗୋଳ ଘଟଣା ଘଟିଥିଲା। ଏହି ମାମଲାରେ ସମ୍ପୃକ୍ତ ଥାଇ ସେମାନେ କୋର୍ଟରେ ହାଜର ନ ହେବାରୁ, କୋର୍ଟଙ୍କ ପକ୍ଷରୁ ସେମାନଙ୍କ ନାମରେ ଏହି ଗିରଫ ପରୱାନା (ୱାରେଣ୍ଟ) ଜାରି କରାଯାଇଥିଲା। ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଗତକାଲି ରାତିରେ ଚଢ଼ାଉ କରି ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ସମାଜସେବୀ ସନତ ଆଚାର୍ଯ୍ୟଙ୍କ ପରଲୋକ

**ଭଦ୍ରେଶ୍ୱର, ୨୧।୫(ସମିସ):** ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ଗ୍ରାମପଞ୍ଚାୟତ ପଶ୍ଚିଲୁଣ୍ଡା ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ଐତିହାସିକ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଅଣନାତି ସନତ ଆଚାର୍ଯ୍ୟଙ୍କର ଗତକାଲି ବିଳମ୍ବିତ ରାତିରେ ହୃଦ୍‌ଘାତ ଜନିତ କାରଣରୁ ପରଲୋକ ହୋଇଯାଇଛି। ଭୁବନେଶ୍ୱର କୋର୍ଟର ପୂର୍ବତନ ପେସକାର ସ୍ୱର୍ଗତ ଆଚାର୍ଯ୍ୟ ଯୁବାବସ୍ଥାରେ ଜଣେ ଦକ୍ଷ ଭଲିବଲ୍ ଖେଳାଳି ଭାବେ ସୁନାମ ଅର୍ଜନ କରିଥିଲେ। ସେ ପଶ୍ଚିଲୁଣ୍ଡା ଦିବ୍ୟଜୀବନ ସଙ୍ଘ ଓ ମା' ଜାଗୁଳାଇ ମେଳଣ କମିଟିର ଉପସଭାପତି ସମେତ ବହୁ ସାମାଜିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ସହ ଜଡ଼ିତ ରହି ଅଞ୍ଚଳରେ ହରିବଂଶ ଏବଂ ରାମଚରିତ ମାନସ ପଠନ ଆଦି ଜନହିତକର କାର୍ଯ୍ୟ କରୁଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିବା ବେଳେ ଏକମାତ୍ର ପୁତ୍ର ଦେବବ୍ରତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଦିବ୍ୟ ଜୀବନ ସଙ୍ଘର ସାଧୁ ଶିବ ଚିଦାନନ୍ଦ ସରସ୍ୱତୀ, ଶାଖା ସଭାପତି ଗୋପିନାଥ ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଆଇନଜୀବୀ ଦୀପକ ମହାନ୍ତି, ସରପଞ୍ଚ ରାକେଶ ବଳ ଏବଂ ସମିତି ସଭ୍ୟ ସୁରେନ୍ଦ୍ର ମହାନ୍ତିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।



## ସଚ୍ଚୋଟ ବ୍ୟବସାୟୀଙ୍କୁ ସଂଘର ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି, ୨୧।୫(ସମିସ):** ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟର ଫଳ ବ୍ୟବସାୟୀ ବିଭୂତି ଭୂଷଣ ବେହେରାଙ୍କ ଅସାଧାରଣ ସଚ୍ଚୋଟତା ଓ ମାନବିକତା କାର୍ଯ୍ୟ ପାଇଁ ସ୍ଥାନୀୟ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗତ ସୋମବାର ଶ୍ରୀ ବେହେରା ହାଟ ପରିସରରୁ କାଜିହାଟ ଅଞ୍ଚଳର ଜଣେ ମହିଳାଙ୍କର ହଜିଯାଇଥିବା ଏକ ଭ୍ୟାନିଟି ବ୍ୟାଗ୍ ପାଇଥିଲେ। ସେହି ବ୍ୟାଗ୍ ଭିତରେ ପ୍ରାୟ ୯ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ନଗଦ ୨୦ ହଜାର ଟଙ୍କା ଏବଂ ଏକ ଦାମୀ ଆଇଫୋନ୍ ରହିଥିଲା। ଲକ୍ଷ ଲକ୍ଷ ଟଙ୍କାର ମୂଲ୍ୟବାନ ଜିନିଷ ଥିଲେ ମଧ୍ୟ ସମ୍ପୃକ୍ତ ବ୍ୟବସାୟୀ ଜଣକ ସାମାନ୍ୟତମ ଲୋଭ ନ ରଖି ଉକ୍ତ ମହିଳାଙ୍କୁ ଖୋଜି ବ୍ୟାଗ୍‌ଟିକୁ ସୁରକ୍ଷିତ ଭାବେ ଫେରାଇ ଦେଇଥିଲେ। ତାଙ୍କର ଏହି ମହତ କାର୍ଯ୍ୟ ପାଇଁ ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ସଭାପତି ପ୍ରମୋଦ କୁମାର ପଣ୍ଡା ଓ ସମ୍ପାଦକ ଜୀବନାନନ୍ଦ ଦାଶ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଭୂୟସୀ ପ୍ରଶଂସା କରିଛନ୍ତି। ଏହି ଅବସରରେ ସଂଘର ବହୁ କର୍ମକର୍ତ୍ତା ଓ ସ୍ଥାନୀୟ ବ୍ୟବସାୟୀ ଉପସ୍ଥିତ ଥିଲେ।



**ନରସିଂହପୁର ପୁଲିସକୁ ବଡ଼ ସଫଳତା**

# ୭୦୦ ଲିଟର ଚୋରା ଦେଶୀମଦ ସହ ବୋଲେରୋ ଜବତ

**ନରସିଂହପୁର, ୨୧।୫(ସମିସ)**

ନରସିଂହପୁର ଥାନା ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ପଞ୍ଚମୁଖୀ ଛକ ନିକଟରୁ ପୁଲିସ ଚଢଉ କରି ଏକ ବୋଲେରୋ ଗାଡ଼ି ସହ ସେଥିରେ ବେଆଇନ ଭାବେ ଚାଲାଣ ହେଉଥିବା ପ୍ରାୟ ୭୦୦ ଲିଟର ଚୋରା ରନ୍ଧା ଦେଶୀ ମଦ ଜବତ କରିଛି। ଅଞ୍ଚଳରେ ଅବକାରୀ ବିଭାଗର କାର୍ଯ୍ୟଦକ୍ଷତା ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ବେଳେ ପୁଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ପ୍ରଶଂସା କରାଯାଇଛି। ସୂଚନା ଅନୁଯାୟୀ, ତିଗିରିଆ ଥାନା ବିରୁଡ଼ା ଅଞ୍ଚଳରୁ ବଡ଼ମ୍ବା-ନରସିଂହପୁର ମୁଖ୍ୟ ରାସ୍ତା ଦେଇ ଜୋଡ଼ମ୍ବ ଥାନା ସରଧାପୁରକୁ ବହୁ ପରିମାଣର ମଦ ଚାଲାଣ ହେଉଥିବା ନେଇ ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଥାନାଧିକାରୀ ତପନ କୁମାର ପତିଙ୍କ ନେତୃତ୍ୱରେ ପୁଲିସ ଟିମ୍ ପଞ୍ଚମୁଖୀ ଛକ ନିକଟରେ ଜଗି ରହିଥିବା ବେଳେ ସନ୍ଦେହଜନକ ବୋଲେରୋ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲା। ମାତ୍ର ଗାଡ଼ି ଚାଳକ ଜଣକ ପୁଲିସକୁ ଦେଖି କିଛି ଦୂରରେ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲା। ପୁଲିସ ଗାଡ଼ିଟିକୁ ଯାଞ୍ଚ କରିବା ପରେ ସେଥିରୁ ପ୍ରତ୍ୟେକଟି ୩୫ ଲିଟର ବିଶିଷ୍ଟ ୨୦ଟି ଜାରକିନ୍‌ରେ ଭର୍ତ୍ତି ଥିବା ମୋଟ ୭୦୦ ଲିଟର ନକଲି ରନ୍ଧା ଦେଶୀ ମଦ ଉଦ୍ଧାର କରିଥିଲା। ଆଶ୍ଚର୍ଯ୍ୟର କଥା ହେଉଛି, ଜବତ ବୋଲେରୋ ଗାଡ଼ିରେ ଏକ ବାଇକ୍‌ର ନମ୍ବର ପ୍ଲେଟ୍ ବ୍ୟବହାର କରାଯାଇଥିଲା। ଏକ ଜାଲ୍ ନମ୍ବର ଥାଇ ବୋଲେରୋଟି ୪ଟି ଥାନା ଅଞ୍ଚଳ ଅତିକ୍ରମ କରି ନରସିଂହପୁରରେ ପହଞ୍ଚିବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।



**ଅବକାରୀ ବିଭାଗର ଭୂମିକାକୁ ନେଇ ପ୍ରଶ୍ନ**

**ଆଠଗଡ଼ରେ ପୁଲିସ ଓ ଅବକାରୀ ବିଭାଗର ଚଢ଼ଉ**

## ୨୬୯୫ ଲିଟର ଦେଶୀମଦ ଜବତ



**ଆଠଗଡ଼, ୨୧।୫(ସମିସ):** ଚୋରା ଓ ବେଆଇନ ମଦ କାରବାର ବିରୋଧରେ ଆଠଗଡ଼ ଅଞ୍ଚଳରେ ଏକ ବଡ଼ଧରଣର ମିଳିତ ସ୍ୱେଶାଲ ଚଢ଼ଉ କରାଯାଇଛି। ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ଏହାର ନିକଟସ୍ଥ କାଜୁ ଜଙ୍ଗଲ ପରିସରରେ ଏହି ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ମିଳିତ ଅପରେସନରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ବିଭାଗ, ନରସିଂହପୁର ଅବକାରୀ ବିଭାଗ, କଟକ ଜିଲ୍ଲା ଭ୍ରାମ୍ୟମାଣ (ମୋବାଇଲ୍) ୟୁନିଟ୍ ଏବଂ ଆଠଗଡ଼ ଥାନା ପୁଲିସ ସାମିଲ ହୋଇଥିଲେ। ମଦ ରନ୍ଧା ହେଉଥିବା ଅଡ୍ଡାଗୁଡ଼ିକ ଉପରେ ଚଢଉ କରି ସର୍ବମୋଟ ୨୬୯୫ ଲିଟର ପ୍ରସ୍ତୁତ ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଏହା ସହିତ ମଦ ପ୍ରସ୍ତୁତି ନିମନ୍ତେ ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ପ୍ରାୟ ୨୧, ୪୯୦ ଲିଟର ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ହିଁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦିଆଯାଇଛି।

**୨୧ ହଜାର ଲିଟରରୁ ଊର୍ଦ୍ଧ୍ୱ ପୋଚ ନଷ୍ଟ**

# କଟକ ସିଟି



## ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ



କଟକ,୨୧।୫(ସମିସ): ଭାରତୀୟ ହୃଦଚିକିତ୍ସକ ସଂଘ ଓଡିଶା ଶାଖା ଓ ଭାରତୀୟ ଚିକିତ୍ସକ ସଂଘ ମହିଳା ଶାଖାର ମିଳିତ ଆନୁକୂଲ୍ୟରେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ ହୋଇଯାଇଛି। ଆଇଏମ୍ଏ ହାଉସଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ଚିକିତ୍ସକ ସଂଘର ସଭାପତି ଡାକ୍ତର ହରେକୃଷ୍ଣ ନାୟକ, ସଂପାଦକ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର, କଟକ ଶାଖାର ସଭାପତି ଡାକ୍ତର ମାନସ ରଂଜନ ସାହୁ, ମହିଳା ଶାଖାର ସଭାପତି ସସ୍ମିତା ସ୍ୱାଇଁ, ସଂପାଦକ ଡାକ୍ତର ସୂଚିସ୍ମିତା ଭୂୟାଁ ହୃଦଚିକିତ୍ସକ ସଂଘର ସଭାପତି ଡାକ୍ତର ଅକ୍ଷୟ ସାମଲ, ଡାକ୍ତର ଶିଶୁ ଶଙ୍କର ମିଶ୍ର, ଡାକ୍ତର ସତ୍ୟନାରାୟଣ ରାଉତରାୟ, ଡାକ୍ତର ମୃତ୍ୟୁଞ୍ଜୟ ବେହେରା, ଡାକ୍ତର ଜୟନ୍ତ କୁମାର ପଣ୍ଡା, ଡାକ୍ତର ଛବି ଶତପଥି, ଡାକ୍ତର ମାୟା ପାଢୀଙ୍କ ସମେତ ରୋଟାରୀ କ୍ଲବ ବାରବାଟୀ କଟକର ସଭ୍ୟମାନେ ଯୋଗ ଦେଇଥିଲେ।

## ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱାଗତିକାଙ୍କ ଦାୟିତ୍ୱ ଗ୍ରହଣ



କଟକ,୨୧।୫(ସମିସ): କଟକ ଜିଲ୍ଲାର ନୂତନ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭାବେ ସ୍ୱାଗତିକା ବେହେରା ବିଧିବଦ୍ଧ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୨୩ ବ୍ୟାଚର ଓଡିଶା ସୂଚନା ସେବା ଅଧିକାରୀ ଶ୍ରୀମତି ବେହେରା ସହକାରୀ ସୂଚନା ଅଧିକାରୀ ଭାବରେ ପ୍ରଥମେ ନିଜର ବୃତିଗତ ଜୀବନ ଆରମ୍ଭ କରିଥିଲେ। ନିଜର ଚାକିରି ଜୀବନ ଆରମ୍ଭରୁ ସେ ପ୍ରଶାସନର ବହୁ ଲୋକାଭିମୁଖୀ କାର୍ଯ୍ୟରେ ନିୟୋଜିତ ହୋଇ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛନ୍ତି। ପୁନଶ୍ଚ ଏସସିବିର ଲୋକ ସମ୍ପର୍କ ଅଧିକାରୀ ଭାବେ ସେ ସଫଳତାର ସହ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଥି ସହ ସୂଚନା ଓ ଲୋକସଂପର୍କ ବିଭାଗର ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି ହେବା ପର୍ଯ୍ୟନ୍ତ ସେ ଉପନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ସୂଚନା ଓ ଲୋକସଂପର୍କ ବିଭାଗର ଦାୟିତ୍ୱ ମଧ ନିର୍ବାହ କରିବେ। ପ୍ରକାଶଥାଉ କି ଶ୍ରୀମତି ବେହେରା ହେଉଛନ୍ତି କଟକ ଜିଲ୍ଲାର ପ୍ରଥମ ମହିଳା ଲୋକ ସମ୍ପର୍କ ଅଧିକାରୀ।

## ଚେକ୍ ବାଉନ୍ସ ମାମଲାରେ ଜଣେ ଗିରଫ

କଟକ,୨୧।୫(ସମିସ): ବିଡ଼ାନାସୀ ଥାନା ପୁଲିସ ଏକ ଚେକ୍ ବାଉନ୍ସ ମାମଲାରେ ଜଣକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲା ବିଜୁପଟ୍ଟନାୟକ ଛକ ଅଞ୍ଚଳର ଅରୁଣକୁମାର ସ୍ୱାଇଁ। ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଅସିତ୍ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି। ୨୦୧୭ରେ ଚେକ୍ ବାଉନ୍ସ ନେଇ ଅରୁଣଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା। ଏହାପରେ କୋର୍ଟ ତାଙ୍କ ହାଜର ହେବା ଲାଗି ୱାରେଣ୍ଟ ଜାରି କରିଥିଲେ, ହେଲେ ସେ ଘରେ ଥାଇ ବି ସେଠାରେ ଏପରି କୌଣସି ବ୍ୟକ୍ତି ରହୁ ନଥିବା କହି ତାହାକୁ ଗ୍ରହଣ କରୁ ନଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଯେପରି ମିଛ ଧରା ନପଡିବ, ସେଥିପାଇଁ ସେ ତାଙ୍କ ଘର ଛାଡି ଅନ୍ୟତ୍ର ରହୁଥିଲେ। ପୁଲିସ ଠିକଣା ପାଇ ସେଠାରେ ଚଢ଼ଉକରି ତାଙ୍କୁ ଗିରଫ କରିଛି।

## କାଳବୈଶାଖୀରେ ଭାଙ୍ଗିଲା ଗଛ

କଟକ,୨୧।୫(ସମିସ): ଦିନ ତମାମ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଲାଗି ରହିଥିବା ବେଳେ ଆଜି ସନ୍ଧ୍ୟାରେ କାଳ ବୈଶାଖିର ତାଣ୍ଡବ ସହରରେ ଦେଖିବାକୁ ମିଳିଥିଲା। ଯଦିଓ ବଡ଼ ବର୍ଷା ହୋଇନଥିଲା ଅଧଘଣ୍ଟା କାଳ ପବନ ସହିତ ବିଜୁଳି ଓ ଘଡ଼ଘଡ଼ି ମାରିଥିଲା। ଗିବନ୍ଧ ଓ ସହରର କେତେକ ସ୍ଥାନରେ ଗଛ ଗୁଡ଼ିକ ଭାଙ୍ଗି ଯାଇଥିଲା। ଟ୍ରାଫିକ୍ ପୁଲିସ ଓ ଟ୍ରାଫିକ୍ ଇନ୍ସପେକ୍ଟର ଅନିରୁଦ୍ଧ ନାୟକ ଭାଙ୍ଗି ପଡ଼ିଥିବା ଗଛ ଗୁଡ଼ିକୁ କାଟି ରାସ୍ତା ସଫା କରିଥିଲେ। ଆଜି କଟକ ସହରର ଦିନ ବେଳା ୪୨ଡିଗ୍ରୀ ରହିଥିବା ବେଳେ କାଳ ବୈଶାଖିଜନିତ ସାମାନ୍ୟ ବର୍ଷାରେ ସହରବାସୀ ତାତିରୁ ଆଶ୍ୱସ୍ତି ପାଇଛନ୍ତି।

# କାଠଯୋଡ଼ିରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

ତ୍ରିଶୂଳିଆ,୨୧।୫(ସମିସ):



**ହତ୍ୟା ପରେ ପ୍ରମାଣ ଲୁଚାଇବାକୁ ବାଲିରେ ପୋତିଦେଲେ ଦୁର୍ବୃତ୍ତ**

**କୁକୁର ଖୋଳିବା ପରେ ଜଣାପଡ଼ିଲା ବୀଭତ୍ସତା**

**ଘଟଣାସ୍ଥଳରେ ଡିସିପି ଓ ସାଇଣ୍ଟିଫିକ୍ ଟିମ୍**

**ଅପରାଧୀଙ୍କ ସେଫ୍ ଜୋନ୍ ପାଲଟିଛି ବାରଙ୍ଗ**

କଟକ ଉପକଣ୍ଠ ବାରଙ୍ଗ ଅଞ୍ଚଳରେ ଅପରାଧର ଗ୍ରାଫ୍ ଦିନକୁ ଦିନ ଉଗ୍ରରୂପ ଧାରଣ କରୁଥିବା ବେଳେ ସାଧାରଣ ଲୋକଙ୍କ ମନରେ ଏବେ ଭୟ ଖେଳିଯାଇଛି। ବିଶେଷ କରି ଗତ ଏକ ମାସ ମଧ୍ୟରେ ଗୋଟିଏ ପରେ ଗୋଟିଏ ଚାଞ୍ଚଲ୍ୟକର ଅପରାଧିକ ଘଟଣା ସାମ୍ନାକୁ ଆସିବା ପରେ ପୁଲିସର ପେଟ୍ରୋଲିଂ ଓ ଆକ୍ସନ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କ୍ରମରେ ଆଜି ପୁଣି ଏକ ସାଙ୍ଘାତିକ ଘଟଣା ସମଗ୍ର ଅଞ୍ଚଳକୁ ଦୋହଲାଇ ଦେଇଛି। ବାରଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଣୀ ଗ୍ରାମ ନିକଟ କାଠଯୋଡ଼ି ନଦୀ ପଠାରୁ ଜଣେ ଅଜଣା ମହିଳାଙ୍କ ଅଧା ପୋତା ଗଳିତ ମୃତଦେହ ଉଦ୍ଧାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଆଜି ସକାଳେ ସ୍ଥାନୀୟ କିଛି ଲୋକ ନଦୀ ପଠାକୁ ଯାଇଥିବା ବେଳେ କେତେକ କୁକୁର ବାଲି ଖୋଳି କିଛି ଜିନିଷ ଟାଣି ଖାଉଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ ଲୋକେ ନିକଟକୁ ଯାଇ ବାଲି ଭିତରୁ ମଣିଷର ହାତ ଓ ଗୋଡ଼ ବାହାରିଥିବା ଦେଖି ଶିହରି ଉଠିଥିଲେ ଏବଂ ତୁରନ୍ତ ବାରଙ୍ଗ ପୁଲିସକୁ ସୂଚନା ଦେଇଥିଲେ। ମହିଳାଙ୍କ ଉଦ୍ଧାର ହାତଟି ସମ୍ପୂର୍ଣ୍ଣ କଳା ପଡ଼ିଯାଇଥିବାରୁ ହତ୍ୟା ପୂର୍ବରୁ ବା ପରେ ତାଙ୍କୁ ପୋଡ଼ିବାକୁ ଚେଷ୍ଟା କରାଯାଇଥିବା ସନ୍ଦେହ କରାଯାଉଛି। ଶରୀରର ଅଧିକାଂଶ ଅଂଶ ବାଲି ଭିତରେ ପୋତା ହୋଇ ରହିଥିବାରୁ ସ୍ପଷ୍ଟ ଜଣାପଡୁଛି ଯେ ମହିଳା ଜଣଙ୍କୁ ଅନ୍ୟ କେଉଁଠି ବୀଭତ୍ସ ଭାବେ ହତ୍ୟା କରାଯାଇ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ନିର୍ଜନ ନଦୀ ପଠାରେ ଆଣି ଅଧା ପୋତି ଦିଆଯାଇଛି। ଘଟଣାର ସଙ୍ଗୀନତାକୁ ଦୃଷ୍ଟିରେ ରଖି କଟକ ଡିସିପି ଋଷିକେଶ ଖିଲାର, ଜୋନ-୪ ଏସିପି ଅମିତାଭ ମହାପାତ୍ର ଏବଂ ବାରଙ୍ଗ ଥାନାଧିକାରୀ ନିରଞ୍ଜନ ବେହେରା ପୁଲିସ ବଳ ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହର ସୁରାକ ଓ ପ୍ରମାଣ ସଂଗ୍ରହ ପାଇଁ ସାଇଣ୍ଟିଫିକ୍ ଟିମ୍ ମଧ ବାଲିପଠାରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛି। ମହିଳା ଜଣକ କିଏ, ତାଙ୍କୁ କେଉଁ ପରିସ୍ଥିତିରେ ହତ୍ୟା କରାଗଲା, ସେନେଇ ପୁଲିସ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି। ଉଲ୍ଲେଖଯୋଗ୍ୟ ଯେ ଗତ ଏପ୍ରିଲ୍ ୧୩ ତାରିଖରେ ବାରଙ୍ଗ ଥାନା ଅନ୍ତର୍ଗତ ଷଣ୍ଢପୁର ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତା କଡ଼ରୁ ଏକ ଅଧା ପୋଡ଼ା ମଣିଷ କଙ୍କାଳ ଜବତ ହୋଇଥିଲା, ଯାହାର ରହସ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫିଟିନାହିଁ। ଏହାର କିଛି ଦିନ ପରେ ଗତ ମେ ୫ ତାରିଖରେ ମୁଣ୍ଡଳୀ ଅଞ୍ଚଳରେ ଦିନ ଦିପହରରେ ସଂଘବଦ୍ଧ ଭାବେ ଖଣ୍ଡା ଆକ୍ରମଣ କରି ୩ ଜଣଙ୍କୁ ରକ୍ତାକ୍ତ କରାଯାଇଥିଲା। ଏହି ମାମଲାରେ ପୁଲିସ ୩ ଜଣଙ୍କୁ ଗିରଫ କରିଥିଲେ ବି ଅନ୍ୟ ୩ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି। ଗୋଟିଏ ମାସ ଭିତରେ କ୍ରମାଗତ ଭାବେ ଏଭଳି ବଡ଼ ବଡ଼ କ୍ରାଇମ୍ ଘଟୁଥିବାରୁ ଅପରାଧୀମାନେ ବାରଙ୍ଗକୁ ନିଜର 'ସେଫ୍ ଜୋନ୍' ଭାବି ନେଇଥିବା ଅଭିଯୋଗ ହେଉଛି। ନଦୀ ପଠା, କେନାଲ ବନ୍ଧ ଓ ନିର୍ଜନ ଅଞ୍ଚଳରେ ପୁଲିସର ରାତ୍ରିକାଳୀନ ପେଟ୍ରୋଲିଂ ଅଭାବରୁ ଅପରାଧୀମାନେ ଅତି ସହଜରେ ଏଭଳି କାଣ୍ଡ ଘଟାଇ ଖସିଯାଉଛନ୍ତି। ଫେରାର ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହ ନିର୍ଜନ ସ୍ଥାନଗୁଡ଼ିକରେ ପୁଲିସ ନଜର ରଖିବାକୁ ସ୍ଥାନୀୟ ବାସିନ୍ଦା ଦୃଢ଼ ଦାବି କରିଛନ୍ତି।

■ ୮୩ତମ ଐତିହାସିକ ଭଞ୍ଜ ଜୟନ୍ତୀର ଷଷ୍ଠ ସନ୍ଧ୍ୟା

## ଭଞ୍ଜ ସାହିତ୍ୟରେ 'ରସ'ର ବର୍ଣ୍ଣନା ଚମତ୍କାର




କଟକ,୨୧।୫(ସମିସ): ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ଲିଖିତ ଭଞ୍ଜ ସାହିତ୍ୟରେ ରସର ବର୍ଣ୍ଣନା ଚମତ୍କାର। ତାଙ୍କ କାବ୍ୟରେ ଭରିରହିଥିଲା ଓଡ଼ିଆ ଜାତିପାଇଁ ପ୍ରେରଣା ଓ ଦିଗ୍‌ଦର୍ଶନ ବୋଲି ଆଜି ସନ୍ଧ୍ୟାରେ କଳିଙ୍ଗ ଭାରତୀ, ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଅନୁଷ୍ଠିତ ୮୩ ତମ ଐତିହାସିକ ଭଞ୍ଜ ଜୟନ୍ତୀର ଷଷ୍ଠ ସନ୍ଧ୍ୟା ରେ ଯୋଗଦେଇ ବିଶିଷ୍ଟ ବକ୍ତା ଓ ଗବେଷକମାନେ ମତବ୍ୟକ୍ତ କରିଛନ୍ତି। ମିସନ୍ ରୋଡସ୍ଥିତ ଭଞ୍ଜ ମଣ୍ଡପଠାରେ ଗବେଷିକା କମଳ କୁମାରି ଦାଶ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଭଞ୍ଜ ସାହିତ୍ୟର ମହାନତା ଉପରେ ଆଲୋକପାତ କରିଥିଲେ। ଷଷ୍ଠ ଦିନର କାର୍ଯ୍ୟକ୍ରମରେ ଉପେନ୍ଦ୍ର ଭଞ୍ଜ ସାହିତ୍ୟରେ ରସର ବର୍ଣ୍ଣନା ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବା ସହିତ ଏହି ସୃଷ୍ଟି ସାରା ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଦେଇଛି ବୋଲି ସଭାରେ ମତ ପ୍ରକାଶ ପାଇଥିଲା। କଳିଙ୍ଗ ଭାରତୀର ନିର୍ବାହୀ ସଭାପତି ପ୍ରଭାତ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଜିର ସଭାରେ ପ୍ରଫେସର ଡଃ ବାଉରୀବନ୍ଧୁ ସାହୁ ପ୍ରଧାନ ଅତିଥି ଭାବରେ ଭଞ୍ଜ ସାହିତ୍ୟରେ ନବ ରସର ବ୍ୟବହାର ଓ ଉତ୍କର୍ଷ "ଲାବଣ୍ୟବତୀ' ବ୍ୟାଖ୍ୟା କରି ଶ୍ରୋତା ମଣ୍ଡଳିକୁ ସ୍ତବ୍ଧ କରିଥଲେ। ଏହି ଅବସରରେ କଳିଙ୍ଗ ଭାରତୀର ଉପସଭାପତି ଗବେଷିକା ପ୍ରହରାଜ ପ୍ରଧାନ ବକ୍ତା ଭାବରେ ବୈଦେହିସ ବିଳାସକୁ ବ୍ୟାଖ୍ୟା କରି ଭଞ୍ଜ ସାହିତ୍ୟରେ ରସର ଚାତୁରୀ ଉପରେ ଆଲୋଚନା କରିଥିଲେ। କଳିଙ୍ଗ ଭାରତୀର ସଭାପତି ଡାକ୍ତର ଶୈଳେଶ୍ୱର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଡ.ଅଂଶୁମାନ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଇଂ ରଞ୍ଜିତ୍ କର, ରାଜଲକ୍ଷ୍ମୀ ମହାନ୍ତି, ଶକ୍ତି ଶଙ୍କର ମହାନ୍ତି, ଡ. ଅନୁପ ମାର୍ଥା ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ। ଷଷ୍ଠ ଦିବସର ବିଶେଷ ଆକର୍ଷଣ ଥିଲା "ଓଡିଆ ଅସ୍ମିତା ଓ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' ବିଷୟବସ୍ତୁ ଉପରେ ସର୍ବସାଧାରଣଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭ୍ୟ ପତିତପାବନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ସିବିରେ ୧୦ଟି ବିଦ୍ୟୁତ୍ ଚାଳିତ ଗାଡ଼ି ଲୋକାର୍ପିତ



କଟକ,୨୧।୫(ସମିସ): କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ରୋଗୀସେବାକୁ ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ୧୦ଟି ବିଦ୍ୟୁତ୍ (ବ୍ୟାଟେରୀ) ଚାଳିତ ଗାଡି ଲୋକାର୍ପିତ ହୋଇଛି। ହୁଡକୋର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ୯୨ ଲକ୍ଷ ଟଙ୍କା ବ୍ୟୟରେ ଏହି ପରିବେଶ ଅନୁକୂଳ ଓ ଧ୍ୱନି ପ୍ରଦୂଷଣ ମୁକ୍ତ ଗାଡିଗୁଡ଼ିକୁ ମେଡିକାଲକୁ ପ୍ରଦାନ କରାଯାଇଛି। ରୋଗୀ ପରିବହନ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏହି ଗାଡିଗୁଡ଼ିକରେ ଆମ୍ବୁଲାନ୍ସ ଭଳି ଷ୍ଟ୍ରେଚର ବ୍ୟବସ୍ଥା, ରୋଗୀଙ୍କ ସମ୍ପର୍କୀୟ ବସିବା ସହ ସାଲାଇନ୍ ଏବଂ ଅକ୍ସିଜେନ୍ ସିଲିଣ୍ଡର ରଖିବା ପାଇଁ ସୁବିଧା ଉପଲବ୍ଧ ରହିଛି। ଉଦଘାଟନୀ ଉତ୍ସବରେ ଏସସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଜ୍ୟୋତିଷଚନ୍ଦ୍ର ଚୌଧୁରୀ, ରେଜିଷ୍ଟ୍ରାର ସୁବାସଚନ୍ଦ୍ର ରାୟ, ଅର୍ଥ ଅଧିକାରୀ ମାନସ ପାତ୍ର, ହୃଦରୋଗ ବିଶେଷଜ୍ଞ ପ୍ରଫେସର ନିର୍ମଳ କୁମାର ମହାନ୍ତି ଏବଂ ହୁଡକୋର ଆଞ୍ଚଳିକ ମୁଖ୍ୟ ରାମ ପ୍ରସାଦ ନାୟକଙ୍କ ସମେତ ଉଭୟ ଅନୁଷ୍ଠାନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଗ୍ରୀଷ୍ମ ପ୍ରବାହ ପାଇଁ ଅଙ୍ଗନବାଡ଼ି ୨ ଦିନ ବନ୍ଦ

କଟକ,୨୧।୫(ସମିସ): ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ କଟକ ଜିଲ୍ଲାରେ ମଧ ଗ୍ରୀଷ୍ମ ଲହରୀ ପରିଲକ୍ଷିତ ହେଉଛି। ବର୍ତ୍ତମାନର ଏହି ପାଣିପାଗକୁ ଦୃଷ୍ଟିରେ ରଖି ସତର୍କତା ଅବଲମ୍ବନ ପୂର୍ବକ ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ରଗୁଡିକ ଆଗାମୀ ଦୁଇ ଦିନ (ଗୁରୁବାର ଓ ଶୁକ୍ରବାର) ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ସମୟରେ ପାଣିପାଗ ଅନୁଯାୟୀ ସମୀକ୍ଷା ପୂର୍ବକ କେନ୍ଦ୍ର ଗୁଡିକ ଖୋଲିବା ଓ ସମୟ ନିର୍ଦ୍ଧାରଣ ନିମନ୍ତେ ନିଷ୍ପତି ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସିଏମ୍‌ସିର ବ୍ଲୁ-ପ୍ରିଣ୍ଟ

## ସପ୍ତାହକୁ ଦିନେ ପାଳନ ହେବ 'ଡ୍ରାଏ-ଡେ'



କଟକ,୨୧।୫(ସମିସ): କଟକ ମହାନଗର ନିଗମର ବିଜୁ ଭବନ ସମ୍ମିଳନୀ କକ୍ଷଠାରେ ମେୟର ସୁବାସ ଚନ୍ଦ୍ର ସିଂହଙ୍କ ଅଧକ୍ଷତାରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ସମନ୍ୱୟ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରରେ ଡେଙ୍ଗୁର ସଫଳ ନିରାକରଣ ଓ ଜନ ସଚେତନତା ସୃଷ୍ଟି କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଚଳିତ ବର୍ଷ ସହରରେ ଅଦ୍ୟାବଧି ୧୪ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇସାରିଥିବାରୁ ପ୍ରଶାସନ ପକ୍ଷରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ସହରର ସମସ୍ତ ୱାର୍ଡରେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ ଓ ସ୍ୱଚ୍ଛସାଥୀମାନେ ଲିଫଲେଟ୍ ସହ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରିବେ। ଏହା ସହ ସପ୍ତାହକୁ ଥରେ "ଡ୍ରାଏ-ଡେ' ପାଳନ କରାଯିବ ଏବଂ ଅଳିଆ ଉଠା ଗାଡ଼ି ମାଧ୍ୟମରେ ମାଇକିଂ କରାଯିବ। ଏସସିବି ମେଡିକାଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ପ୍ରସ୍ତୁତ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ପର୍ଯ୍ୟାପ୍ତ ଏଲିସା ମେସିନ, କିଟ୍, ଓଆରଏସ୍ ଏବଂ ଆଇଭି ଫ୍ଲୁଇଡ୍ ମହଜୁଦ ରଖାଯାଇଛି। ସହରରେ ମଶା ବଂଶ ହ୍ରାସ ପାଇଁ ଫଗିଂ ମେସିନ୍ ଓ ମଶା ତେଲ ବ୍ୟାପକ ପରିମାଣରେ ଉପଲବ୍ଧ ଥିବା ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ଏଥିସହିତ, ସୁରକ୍ଷା ଦୃଷ୍ଟିରୁ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଡେଙ୍ଗୁ ରକ୍ତ ନମୁନା ପରୀକ୍ଷାକୁ ବାରଣ କରାଯାଇ କେବଳ ନିର୍ଦ୍ଦିଷ୍ଟ ସରକାରୀ କେନ୍ଦ୍ରରେ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝି, ଅତିରିକ୍ତ କମିଶନର କଳ୍ପତରୁ ବେହେରା ଓ ଷ୍ଟାଣ୍ଡିଂ କମିଟି ଅଧକ୍ଷା ଦିପ୍ତିମୟୀ ମୂଳିଆଙ୍କ ସମେତ ବହୁ ବରିଷ୍ଠ ଚିକିତ୍ସା ଅଧିକାରୀ ମତ ଦେଇଥିଲେ।

## ସ୍ୱର୍ଗଧାମରେ ୨୬ତମ ଲୋକାର୍ପଣ ଉତ୍ସବ




କଟକ,୨୧।୫(ସମିସ): ସ୍ୱର୍ଗଧାମ ସେବା ସମିତିର ୨୬ତମ ଲୋକାର୍ପଣ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗଧାମ ମୁକ୍ତିପୀଠରେ ପଣ୍ଡିତ ସର୍ବେଶ୍ୱର ଶତପଥୀଙ୍କ ଦ୍ୱାରା ଶ୍ରୀମଦ ଭଗବତ ଗୀତା ପାଠ କରାଯାଇଥିଲା। ଏଥିରେ ଶରତ କୁମାର ସାହୁ ଅଧକ୍ଷତା କରିଥିଲେ। ଚଳଚ୍ଚିତ୍ର ଜଗତ ପତ୍ରିକାର ପ୍ରତିଷ୍ଠାତା ତଥା ସମ୍ପାଦକ ଆଦିକନ୍ଦ ରାଉତଙ୍କ ହସ୍ତରେ ପୂଜାର ଶୁଭାରମ୍ଭ କରାଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ପରେ ମଶାଲ ଜାଳି ମହାମନ୍ତ୍ର ଜପ କରି ସ୍ୱର୍ଗଧାମ ପରିସର ମୋକ୍ଷଭୂମି, ଦେବଭୂମି, ଦିବ୍ୟଜ୍ୟୋତି, ତୁଳସୀତୀର୍ଥ, ସହିଦ ପ୍ରତିମୂର୍ତ୍ତି, ସହିଦ ପୀଠ ପରିଭ୍ରମଣ କରାଯାଇଥିଲା। ଦିନ ୧୦.୩୦ ରୁ ଅପରାହ୍ନ ୨.୦୦ଟା ପର୍ଯ୍ୟନ୍ତ ଜଳ ସେବା କାର୍ଯ୍ୟ କରାଯାଇଥିଲା। ଶତାଧିକ ବାଟୋଇମାନଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟରେ ଶ୍ରଦ୍ଧାଞ୍ଜଳି ସାହୁ, ପ୍ରିୟାଂଶୀ ସାହୁ, ଭିନୀତ ସାହୁ, ମହେଶ୍ୱର ମଲିକ, ଆକାଶ ସାହୁ, ସ୍ମୃତିରଞ୍ଜନ ମହାପାତ୍ର , ସ୍ମିତାଞ୍ଜଳି ସାହୁ , ରେଶ୍ମା ମହାରଣା, ତପନ କୁମାର ଖଟୁଆ, ସୁଜାତା ସ୍ୱାଇଁ, ସରୋଜିନୀ ମିଶ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

ଫେସ୍‌ବୁକ୍ ମନ୍ତବ୍ୟକୁ ନେଇ ସାରା ରାଜ୍ୟରେ ନିନ୍ଦା ଓ କୁଶପୁତ୍ତଳିକା ଦାହ

# ଭୁଲ୍ ମାଗିଲେନି, ଓଲଟା ସ୍ୱର ବଦଳାଇଲେ ଅରିନ୍ଦମ

ଟାଙ୍ଗୀ,୨୧।୫(ସମିସ):

ଟାଙ୍ଗୀ-ଚୌଦ୍ୱାର ବ୍ଲକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ (ଏବିଡିଓ) ଏବଂ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ଘଟଣାରେ ସାରା ଓଡ଼ିଶାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବିଜେପି ନେତା ଅରିନ୍ଦମ ରାୟ ଏବେ ଗଣମାଧ୍ୟମ ଆଗରେ ନିଜ ସ୍ୱର ବଦଳାଇଛନ୍ତି। ଫେସବୁକ ଲାଇଭ୍‌ରେ ସାମ୍ବାଦିକମାନଙ୍କୁ 'ଚାରଣି-ଆଠଣା' କହି କଟାକ୍ଷ କରିବା ପରେ ତୀବ୍ର ଜନ ଅସନ୍ତୋଷର ସାମ୍ନା କରିଥିବା ଅରିନ୍ଦମ ଗୁରୁବାର ଦିନ ଟାଙ୍ଗୀସ୍ଥିତ ବିଜେପି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ମାତ୍ର ଏହି ସମ୍ମିଳନୀକୁ ସମସ୍ତ ସାମ୍ବାଦିକଙ୍କୁ ନ ଡାକି କେବଳ କିଛି ହାତଗଣତି ମିଡିଆ ପ୍ରତିନିଧିଙ୍କୁ ଡାକି ସେ ନିଜର ସଫେଇ ରଖିଛନ୍ତି। ଗଣମାଧ୍ୟମକୁ ସାର୍ବଜନୀନ ଭାବେ ଅପମାନିତ କରିଥିଲେ ମଧ ସୌଜନ୍ୟତା ଦୃଷ୍ଟିରୁ ସେ ନିଜ ଭୁଲ୍ ସ୍ୱୀକାର କରିନାହାନ୍ତି କିମ୍ବା କ୍ଷମା ପ୍ରାର୍ଥନା କରିନାହାନ୍ତି, ଯାହାକୁ ନେଇ ସାମ୍ବାଦିକ ମହଲରେ ଅସନ୍ତୋଷ ଆହୁରି ତୀବ୍ର ହୋଇଛି। ଆଜିର ସମ୍ମିଳନୀରେ ନିଜ ସ୍ପଷ୍ଟୀକରଣ ରଖି ଅରିନ୍ଦମ କହିଛନ୍ତି ଯେ, "ମୁଁ କୌଣସି ପ୍ରତିଷ୍ଠିତ ଗଣମାଧ୍ୟମ କିମ୍ବା ସାମ୍ବାଦିକ ସଂଘକୁ ଉଦ୍ଦେଶ୍ୟ କରି ସେଭଳି ଭାଇରାଲ ହେଉଥିବା ମନ୍ତବ୍ୟ ଦେଇନାହିଁ। ଯେଉଁମାନେ ୫୦-୧୦୦ କିଲୋମିଟର ଦୂରରେ ରହି ମୋ ବ୍ୟକ୍ତିଗତ ଜୀବନକୁ ନେଇ ଆକ୍ଷେପ କରୁଛନ୍ତି ଏବଂ ବିଭିନ୍ନ ପ୍ରକାରର ନକଲି ଭିଡିଓ କିମ୍ବା 'ରିଲ୍ସ' ବନାଉଛନ୍ତି, ମୁଁ କେବଳ ସେହିଭଳି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ପାଇଁ ସେହି କଥା କହିଥିଲି।"

**ହାତଗଣତି ମିଡିଆକୁ ଡାକି ରଖିଲେ ପକ୍ଷ**

**କୌଣସି ଗଣମାଧ୍ୟମକୁ ଆକ୍ଷେପ କରିନାହିଁ: ଅରିନ୍ଦମ**

**ବ୍ୟକ୍ତିଗତ ଆକ୍ଷେପ କରୁଥିବା ରିଲ୍ସଧାରୀଙ୍କୁ କହିଥିବା ନେଇ ଦେଲେ ସଫେଇ**

ତେବେ ଲାଇଭ୍ ଭିଡିଓରେ ସ୍ପଷ୍ଟ ଭାବେ ଗଣମାଧ୍ୟମର ନାଁ ନେଇ ବ୍ୟଙ୍ଗ କରିବା ପରେ, ଏବେ ମାମଲା ସଙ୍ଗୀନ ହେବାରୁ ଅରିନ୍ଦମ ନିଜ ବୟାନ ବଦଳାଇ ଖସିଯିବାକୁ ଚେଷ୍ଟା କରୁଥିବା ସାଧାରଣରେ ଆଲୋଚନା ହେଉଛି। ପ୍ରକାଶ ଥାଉ କି, ଅରିନ୍ଦମ ବ୍ଲକ କାର୍ଯ୍ୟାଳୟରେ ହଟଚମଟ କରିବା ଖବର ସମସ୍ତ ବୈଦ୍ୟୁତିକ ଓ ପ୍ରିଣ୍ଟ ମିଡିଆରେ ପ୍ରସାରିତ ହେବା ପରେ ସେ ଉତକ୍ଷିପ୍ତ ହୋଇ ଫେସବୁକ ଲାଇଭ୍ ଆସିଥିଲେ। ସେଠାରେ ସେ ସାମ୍ବାଦିକମାନେ 'ଚାରଣି-ଆଠଣା' ପାଇଁ ଆସି ଚାଉଳ ନେଇ ଘର ଚଳାଉଛନ୍ତି ବୋଲି ବିଦ୍ରୂପ କରିଥିଲେ। ଏହାର ପ୍ରତିବାଦରେ ଗତ ବୁଧବାର ଦିନ ସାରା ରାଜ୍ୟର ବିଭିନ୍ନ ଥାନାରେ ଅରିନ୍ଦମଙ୍କ ବିରୋଧରେ ସାମ୍ବାଦିକମାନେ ଏତଲା ଦେବା ସହ ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ। ସେହିପରି ବୁଧବାର ଦିନ ଅରିନ୍ଦମ ଓ ଅଭୟ ବାରିକ କଡ଼ା ପୁଲିସ ସୁରକ୍ଷାରେ ବ୍ଲକ ବିଡିଓଙ୍କୁ ଭେଟିବାକୁ ଆସିଥିବା ବେଳେ ଟାଙ୍ଗୀ-ଚୌଦ୍ୱାର ବ୍ଲକର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏକାଠି ହୋଇ ସେମାନଙ୍କୁ ହାତରେ ଚାରଣି-ଆଠଣା ଏବଂ ଚାଉଳ, ଡାଲି, ଆଳୁ ଦେଖାଇ ତୀବ୍ର ନାରାବାଜି କରି ପ୍ରତିବାଦ କରିଥିଲେ। ଏଭଳି ସ୍ଥିତିରେ ଆଜିର ସାମ୍ବାଦିକ ସମ୍ମିଳନୀରେ ସେ ଭୁଲ୍ ନ ମାଗି ଓଲଟା ସ୍ୱର ବଦଳାଇବା ଘଟଣା ଗଣମାଧ୍ୟମ ପ୍ରତି ପୁନର୍ବାର ଅବିଚାର ସଦୃଶ ବୋଲି ସ୍ଥାନୀୟ ସାମ୍ବାଦିକ ସଂଘ ପକ୍ଷରୁ କୁହାଯାଇଛି।

SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in

**ଆପ୍ରେଣ୍ଟିସେଶିପ୍ ଆକ୍ଟ 1961 ଅନୁଯାୟୀ ଏସ୍‌ବିଆଇରେ ଆପ୍ରେଣ୍ଟିସେସ୍ ନିଯୁକ୍ତି**
**(ବିଜ୍ଞାପନ ନଂ. CRPD/APPR/2026-27/07)**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଆପ୍ରେଣ୍ଟିସେସ୍ ନିଯୁକ୍ତି ପାଇଁ ଭାରତୀୟ ନାଗରିକଙ୍କ ଠାରୁ ଆବେଦନ ଗ୍ରହଣ କରାଯାଉଛି।

**ଆପ୍ରେଣ୍ଟିସେସ୍ ସଂଖ୍ୟା: 7150**
**ପ୍ରଶିକ୍ଷଣ ଅବଧି: ଗୋଟିଏ ବର୍ଷ**

*(ଯତ୍ନ: ଏହା ଶିକ୍ଷାନବିସ ଆଇନ 1961 ଅନୁଯାୟୀ ଏକ ତାଲିମ ସୁଯୋଗ ଏବଂ ନିଯୁକ୍ତିର ପ୍ରସ୍ତାବ ନୁହେଁଛ)*

ଯୋଗ୍ୟତା ମାନଦଣ୍ଡ (ବୟସ, ଶିକ୍ଷାଗତ ଯୋଗ୍ୟତା, ଦେୟ ଇତ୍ୟାଦି) ଏବଂ ଅନ୍ୟାନ୍ୟ ବିବରଣୀ ବିଜ୍ଞାପନ ନଂ. CRPD/APPR/2026-27/07 ଅଧୀନରେ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings କିମ୍ବା https://apprenticeshipindia.org କିମ୍ବା https://nsdcindia.org/apprenticeship କିମ୍ବା http://bfsissc.com ରେ ଅନଲାଇନ୍ ଆବେଦନ ଦାଖଲ ପାଇଁ ଏକ ଲିଙ୍କ୍ ସହିତ ଉପଲବ୍ଧ ଅଟେ।

ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 19.05.2026 ରୁ 08.06.2026**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ URL-https://sbi.bank.in/careers/post-your-query

**ସ୍ଥାନ:** ମୁମ୍ବାଇ
**ତାରିଖ:** 19.05.2026

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

ସକାଳ
THE SAKALA



● ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବୈଠକ

# ଜନସୁରକ୍ଷା ଓ ଉଦ୍ଧାର କାର୍ଯ୍ୟକୁ ସାଂସଦଙ୍କ ପ୍ରତିନିଧିଙ୍କ ଗୁରୁତ୍ୱ

**ସାଲେପୁର,୨୧।୫(ସମିସ):** ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତି ବୈଠକରେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଭାବେ କଟକ ଜିଲ୍ଲା ଗ୍ରାମୀଣ ବିଜେପି ଉପସଭାପତି ହିମାଂଶୁ ମହାନ୍ତି ଯୋଗଦେଇ ଆଗାମୀ ବର୍ଷ ବନ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ମୁକାବିଲା, ଜନ ସୁରକ୍ଷା ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ସହ ତ୍ୱରିତ ପଦକ୍ଷେପ ଗ୍ରହଣ ନେଇ ଗୁରୁତ୍ୱ ଦେବା ପାଇଁ ପ୍ରଶାସନକୁ ପ୍ରସ୍ତାବ ଦେଇଥିଲେ। କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ନିମନ୍ତେ ଶ୍ରୀ ମହାନ୍ତି ନିଜର ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବର୍ଷା ଋତୁରେ କେନ୍ଦ୍ରାପଡ଼ା କେନାଲରୁ ଆସୁଥିବା ଅଧିକ ପାଣି ଯୋଗୁ ସାଲେପୁର ବ୍ଲକ୍ ଅଧୀନରେ ଥିବା ବିଭିନ୍ନ ଆଡି ଓ ଶାଖା କେନାଲ ଗୁଡିକରେ ପାଣି ଅତ୍ୟଧିକ ଜମା ହେଉଛି। ଏ ଦିଗରେ ଦୃଷ୍ଟି ଦେବା ସହ ତ୍ରିଲୋଚନପୁର ପଞ୍ଚାୟତର ହାତୀଖାନା ବୈଦେଶ୍ୱର ମନ୍ଦିର ନିକଟରେ ମଙ୍ଗୁଳିଆ କେନାଲରେ ପ୍ରତିବର୍ଷ ଘଳିଆ ପଡି ବନ୍ଧ ଭାଙ୍ଗୁଥିବାରୁ ସ୍ଥାୟୀ ପ୍ରତିକାର ଏବଂ ବନ୍ଧ ମରାମତି ତଥା ସାଲେପୁର ଟାଙ୍ଗୀ ବ୍ଲକ୍‌ର ୧୧ଟି ସମସ୍ୟାର ସ୍ଥାୟୀ ନିରାକରଣ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

# ମାନବାଧିକାର ଓ ଆଇନ ସଚେତନତା ଶିବିର



**ମାହାଙ୍ଗା,୨୧।୫(ସମିସ):** ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ଅନ୍ତର୍ଗତ ଧର୍ମଦାସପୁର ଗ୍ରାମରେ "ସାହା' ଆନୁକୂଲ୍ୟରେ ଏବଂ ବସନ୍ତ ଫାଉଣ୍ଡେସନ ସହଯୋଗରେ "ଦେବଦତ୍ତ କାନୁନଗୋ ଆଣ୍ଡ ସାହା ଆସୋସିଏଟ୍ସ' ଦ୍ୱାରା ଏକ ମାନବିକ ଅଧିକାର ସୁରକ୍ଷା ଓ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାନବାଧିକାର କର୍ମୀ ଆଇନଜୀବୀ ସତ୍ୟନାରାୟଣ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ସୁପ୍ରିମକୋର୍ଟ ତଥା ଓଡ଼ିଶା ହାଇକୋର୍ଟର ଯୁବ ଅଧିବକ୍ତା ଦେବଦତ୍ତ କାନୁନଗୋ ମୁଖ୍ୟଅତିଥି ଭାବେ ମାନବାଧିକାରର ବିଭିନ୍ନ ଆଇନଗତ ଦିଗ ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇବା ସହ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ବିଶିଷ୍ଟ ଆୟୁର୍ବେଦ ଗବେଷକ ତଥା ସମାଜସେବୀ ଅନନ୍ତ ଦେବଦର୍ଶୀ ବଜାରରେ ମିଳୁଥିବା ଖାଦ୍ୟସାମଗ୍ରୀ, ପନିପରିବାରେ ଅପମିଶ୍ରଣ ଏବଂ ଆୟୁର୍ବେଦିକ ଔଷଧ ନାମରେ ଷ୍ଟିରଏଡ୍ ମିଶ୍ରଣର ମାରାତ୍ମକ ପ୍ରଭାବ ସମ୍ପର୍କିତ ଆଇନ ଉପରେ ଆଲୋକପାତ କରିଥିଲେ। ଏହି ଶିବିରରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କର, କୃଷକ ନେତା ଶୁଭେନ୍ଦୁ ସାହୁ, ସମାଜକର୍ମୀ ଶିରୀଶ ମହାନ୍ତି ଓ ଟିକସ ପରାମର୍ଶଦାତା ଜ୍ଞାନରଞ୍ଜନ ଦାସଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ବସନ୍ତ ଫାଉଣ୍ଡେସନର ସଭାପତି ନଗେନ୍ଦ୍ର କୁମାର ନାଥ ପରିଚାଳନା କରିଥିଲେ।

# ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ

**ସାଲେପୁର,୨୧।୫(ସମିସ):** ସାଲେପୁର ବ୍ଲକ୍‌ସ୍ଥିତ ରାମେଶ୍ୱରଠାରେ ଥିବା ଦୁର୍ଗାପୁର ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିରର ତ୍ରୟତ୍ରିଂଶ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ପ୍ରତିଷ୍ଠାତା ସଂପାଦକ ଉଲ୍ଲାସଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ଶିକ୍ଷାବିସ୍ତାର ସମିତିର ରାଜ୍ୟ ସଂଗଠନ ସଂପାଦକ ଆଇନଜୀବୀ ମଧୁସୂଦନ ପାତ୍ର ମୁଖ୍ୟଅତିଥି, ମୁଖ୍ୟବକ୍ତା ରୂପେ ଆଡ୍‌ଭୋକେଟ୍ ବିକ୍ରମ କେଶରୀ ବଳ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟା ନିର୍ମଳା କାଣ୍ଡି ସଂପାଦକୀୟ ବିବରଣୀ ପାଠ କରିଥିବାବେଳେ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଗୋପାଳଚନ୍ଦ୍ର ପାଣି, ଜପକୁଦ ଫାଣ୍ଡି ଅଧିକାରୀ ଶେଷଦେବ ରାଜ, ବିଦ୍ୟାଳୟର ସଭାପତି ଚୌ. ହେମନ୍ତ ସାହୁ ପ୍ରମୁଖ ଅତିଥି ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଦିପ୍ତିମୟୀ ଭୋଇ ଧନ୍ୟବାଦ ଦେଇଥିଲେ।

● ସାନମୁଣ୍ଡଳୀ ଗୋଷ୍ଠୀ ସଂଘର୍ଷ ଘଟଣା

# ଆଉ ଜଣେ ଫେରାର ଅଭିଯୁକ୍ତ ଗିରଫ

**ତ୍ରିଶୂଳିଆ,୨୧।୫(ସମିସ):** ବାରଙ୍ଗ ଥାନା ଅଧୀନ ସାନମୁଣ୍ଡଳୀ ଛକରେ ଗତ ୧୨ ମଇ ରାତିରେ ଘଟିଥିବା ଗୋଷ୍ଠୀ ସଂଘର୍ଷ, ମାରଣାସ୍ତ୍ର ଆକ୍ରମଣ ଏବଂ ଦୋକାନ ଭଙ୍ଗାରୁଜା ମାମଲାରେ ବାରଙ୍ଗ ପୁଲିସକୁ ଆଉ ଏକ ସଫଳତା ମିଳିଛି। ଏହି ସଂଗଠିତ ଅପରାଧିକ ଘଟଣାରେ ସମ୍ପୃକ୍ତ ଥିବା ଫେରାର ଅଭିଯୁକ୍ତ ନିଳୟ ରଞ୍ଜନ ପ୍ରଧାନ ଓରଫ ନିଲୁ (୨୨)ଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଏକ ମୋବାଇଲ୍ ଫୋନ୍ ଜବତ କରାଯିବା ସହ ଗୁରୁବାର ତାକୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ ସାନମୁଣ୍ଡଳୀ ଛକରେ ଦୁର୍ବୃତ୍ତମାନଙ୍କ ମାରଣାସ୍ତ୍ର ଆକ୍ରମଣ ଯୋଗୁଁ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ ଏବଂ ଦୋକାନ ବଜାରରେ ଲୁଟପାଟ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ସଂଗଠିତ ଅପରାଧ ଓ ବେଆଇନ ମଦ ବ୍ୟବସାୟର ସମ୍ପୃକ୍ତି ଥିବା ପୁଲିସ ତଦନ୍ତରୁ ଜାଣିଥିଲା। ପୂର୍ବରୁ ତିନି ଜଣଙ୍କୁ ଗିରଫ କରାଯାଇଥିବା ବେଳେ ବର୍ତ୍ତମାନ ସଂଖ୍ୟା ୪ରେ ପହଞ୍ଚିଛି। ଘଟଣାରେ ଅନ୍ୟ ଫେରାର ସହଯୋଗୀମାନଙ୍କୁ ଗିରଫ କରିବା ପାଇଁ ପୁଲିସ ନିଜର ତଦନ୍ତ ଜାରି ରଖିଛି।



## ଭୂତକୋଠି ସାଜିଛି ବଳଦେବଜୀଉ ମାର୍କେଟ କମ୍ପ୍ଲେକ୍ସ

# ଉଦ୍‌ଘାଟନର ୯ ମାସ ପରେ ବି ହେଲାନି ଆବଣ୍ଟନ

**ନିଶ୍ଚିନ୍ତକୋଇଲି,୨୧।୫(ସମିସ):**

ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଚରମ ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ସରକାରଙ୍କ ବେକାରୀ ସ୍ୱରୋଜଗାର ଯୋଜନା ବାଟବଣା ହୋଇଛି। ଜିଗ୍ନିପୁର ପଞ୍ଚାୟତରେ ଗତ ୨୦୧୯ ମସିହାରୁ ଆରମ୍ଭ ହୋଇଥିବା 'ବଳଦେବଜୀଉ ମାର୍କେଟ କମ୍ପ୍ଲେକ୍ସ'ର ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ସମ୍ପୂର୍ଣ୍ଣ ଶେଷ ହୋଇପାରି ନାହିଁ। କମ୍ପ୍ଲେକ୍ସରେ ଥିବା ୬ଟି ଦୋକାନ ଗୃହର କାମ ସରିବା ପରେ ଗତ ୨୨.୮.୨୫ ରିଖରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ଖୋଦ୍ ବିଡିଓ ଏବଂ ତହସିଲଦାରଙ୍କ ଉପସ୍ଥିତିରେ ଏହାକୁ ଭବ୍ୟ ସୂଚନା ସହ ଉଦ୍‌ଘାଟନ କରିଥିଲେ। ମାତ୍ର ଦୁଃଖର ବିଷୟ, ଉଦ୍‌ଘାଟନର ୯ ମାସ ବିତିଯାଇଥିଲେ ମଧ୍ୟ ଏହି ଦୋକାନ ଗୃହଗୁଡ଼ିକୁ ବ୍ୟବସାୟୀଙ୍କୁ ଆବଣ୍ଟନ କରାଯାଇ ନାହିଁ। ଫଳରେ ସମଗ୍ର ମାର୍କେଟ କମ୍ପ୍ଲେକ୍ସଟି ଏବେ ଅଳିଆ ଆବର୍ଜନାରେ ପୂରି ଭୂତକୋଠି ପାଲଟିଥିବା ବେଳେ ରାତିରେ ଏଠାରେ ଅସାମାଜିକ ମଦ୍ୟପମାନଙ୍କ ଆଡ୍ଡା ଜମୁଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପ୍ରକଳ୍ପ ନିର୍ମାଣ ପ୍ରକ୍ରିୟାରେ ସରକାରୀ ନୀତି ନିୟମକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଥିବା ଅଭିଯୋଗ ହେଉଛି। ପ୍ରଥମତଃ, ଏହି ମାର୍କେଟ କମ୍ପ୍ଲେକ୍ସଟି ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ନିଜସ୍ୱ ତଥା ଦେବୋତ୍ତର ବିଭାଗର ଜମିରେ ନିର୍ମାଣ କରାଯାଇଛି। ବିନା ଅନୁମତିରେ ଦେବୋତ୍ତର ଜମିରେ ସରକାରୀ ପାଣ୍ଠି ଖର୍ଚ୍ଚ କରିବାର କୌଣସି ଆଇନଗତ ପ୍ରାବଧାନ ନଥିବା ବେଳେ, କେଉଁ ଆଧାରରେ ଏଠାରେ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଗଲା, ସେନେଇ ସାଧାରଣରେ ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି। ଅପରପକ୍ଷରେ, ଜମି ବିବାଦ କାରଣରୁ ଏବେ ଶ୍ରୀ ବଳଦେବଜୀଉ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏହି ମାର୍କେଟ କମ୍ପ୍ଲେକ୍ସକୁ ନିଜ ଦଖଲକୁ ନେବା ପାଇଁ ଦାବି ଜୋର ଧରିଛି। ଶିକ୍ଷିତ ବେକାରୀ ଯୁବକଯୁବତୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ପଞ୍ଚାୟତ ଜରିଆରେ କମ୍ ଭଡ଼ାରେ ଏହି ଗୃହଗୁଡ଼ିକ ଆବଣ୍ଟନ ହେବାର ନିୟମ ରହିଛି। ମାତ୍ର ଏହାର ଓଲଟା, ଦୋକାନ ଗୃହ ପାଇବା ଆଶାରେ କେତେକ ସ୍ଥାନୀୟ କୁଜି ନେତା କେତେକ ଲୋକଙ୍କଠାରୁ ବେଆଇନ ଭାବେ 'ଭିତିରିଆ ଅର୍ଥ' ବା ପିସି ସଂଗ୍ରହ କରିଥିବା ନେଇ ସାଧାରଣରେ ଜୋରସୋର ଆଲୋଚନା ହେଉଛି। ଏହାବ୍ୟତୀତ, ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖ ଭାଗରେ ଫାଇବର ଟାଇଲ୍ ପକାଇବା ପାଇଁ ଅନୁଦାନ ମିଳିଥିଲେ ମଧ୍ୟ ଦୀର୍ଘ ୧୦ ମାସ ହେବ ଏହି କାମକୁ ସମ୍ପୂର୍ଣ୍ଣ ନ କରି ଅଧପନ୍ତରିଆ ଭାବେ ଛାଡ଼ି ଦିଆଯାଇଛି। ତୁରନ୍ତ ଟାଇଲ୍ ପକାଇବା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ସ୍ୱଚ୍ଛତା ଗ୍ରହଣ କରି ପ୍ରକୃତ ହିତାଧିକାରୀଙ୍କୁ ଦୋକାନ ଗୃହ ଆବଣ୍ଟନ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।



● ୧୮ ଲକ୍ଷର ସରକାରୀ ଅର୍ଥ ହରିଲୁଟ୍ ଅଭିଯୋଗ

● ଦେବୋତ୍ତର ଜମିକୁ ନେଇ ଚାଲିଛି ବିବାଦ

# ରଜ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ସାଲେପୁର,୨୧।୫(ସମିସ):** ରଟିଲୋ ରଜ ମହୋତ୍ସବ କମିଟି ପକ୍ଷରୁ ରଜ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ କମିଟିର ସଭାପତି ଅଭିଷେକ ବେହେରାଙ୍କ ସଭାପତିତ୍ୱରେ ରଂଗଣି ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରଜ ୩ ଦିନ ଅଞ୍ଚଳର ଝିଅବୋହୂମାନଙ୍କୁ ନେଇ ରଜ ରାଣୀ ପ୍ରତିଯୋଗିତା କରାଯିବା ସହିତ ଝୋଟି, ମୁରୁଜ, ମେହେନ୍ଦି, ମ୍ୟୁଜିକ୍ ଚେୟାର, କବାଡି ଏବଂ ପୋଡ଼ପିଠା ଆଦି ପ୍ରତିଯୋଗିତା କରାଯିବାକୁ ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ସଂପାଦକ ସଞ୍ଜୀବ ପ୍ରଧାନ, ଉପସଭାପତି ନୀଳକଣ୍ଠ ମନ୍ତ୍ରୀ, ସହ ସଂପାଦକ ରାଜେନ୍ଦ୍ର ସାହୁ, ଉପଦେଷ୍ଟା ନିରଞ୍ଜନ ସାହୁ, କୋଷାଧ୍ୟକ୍ଷ ଅଶୋକ ସାହୁ, ମୁଖ୍ୟ ପରାମର୍ଶଦାତା କରୁଣାକର ମାଣିକ ଏବଂ ରଂଜନ ସାହୁ, ଅମରଜିତ୍ ପାତ୍ର, ଅମୂଲ୍ୟ ସାହୁ, ସନ୍ତୋଷ ବେହେରା, ରଘୁନାଥ ସେନାପତି, ବିକାଶ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। କାଳନ୍ଦୀ ସାହୁ ଧନ୍ୟବାଦ ଦେଇଥିଲେ।



# କାଳବୈଶାଖୀ ବର୍ଷାରେ ମିଳିଲା ସାମୟିକ ଆଶ୍ୱସ୍ତି

**ତିଗିରିଆ,୨୧।୫(ସମିସ):** ତିଗିରିଆ ବ୍ଲକ ଅଞ୍ଚଳରେ ଗତ କିଛି ଦିନ ହେବ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳିରୁ ଆଜି ସ୍ଥାନୀୟ ଜନସାଧାରଣଙ୍କୁ ସାମୟିକ ମୁକ୍ତି ମିଳିଛି। ଗୁରୁବାର ଅପରାହ୍ନରେ ହୋଇଥିବା କାଳବୈଶାଖୀ ଝଡ଼ବର୍ଷା ଯୋଗୁଁ ଅଞ୍ଚଳର ପାଣିପାଗ ସାମାନ୍ୟ ଶୀତଳ ହେବା ସହ ତାପମାତ୍ରାରେ ହ୍ରାସ ଘଟିଛି। କିଛି ଦିନ ହେବ ଦିନର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରହୁଥିବାରୁ ପ୍ରବଳ ଗରମ ଯୋଗୁଁ ଜନଜୀବନ ଅତିଷ୍ଠ ହୋଇପଡ଼ିଥିଲା। ଦିନ ୧୦ଟା ପରେ ପ୍ରମୁଖ ବଜାର ଓ ରାସ୍ତାଘାଟ ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯାଉଥିଲା। ଆଜିର ଏହି ବର୍ଷା ପରିବେଶକୁ ଶୀତଳ କରି ଆଶ୍ୱସ୍ତି ଆଣିଥିଲେ ମଧ୍ୟ କାଳବୈଶାଖୀ ଜନିତ ପ୍ରବଳ ପବନ ଯୋଗୁଁ ଅଞ୍ଚଳରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସମଗ୍ର ବ୍ଲକରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଛି।

# ଶିକ୍ଷାବିତ୍ ଚିତ୍ତରଞ୍ଜନ ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା




**ମାହାଙ୍ଗା,୨୧।୫(ସମିସ):** ମାହାଙ୍ଗା ବ୍ଲକ ପଲ୍ଲୀସାହି ପଞ୍ଚାୟତ ଗୋପାଳପୁରଠାରେ ପ୍ରବୀଣ ଶିକ୍ଷାବିତ, ପୂର୍ବତନ ପ୍ରଧାନଶିକ୍ଷକ ତଥା ପ୍ରକୃତିମିତ୍ର ଚିତ୍ତରଞ୍ଜନ ରାଉତଙ୍କ ଦ୍ୱାଦଶାହରେ ଡକ୍ଟର ଭାବଗ୍ରାହୀ ରାଉତଙ୍କ ଅଧ୍ୟକ୍ଷତାରେ ଏକ ଭବ୍ୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପାଟକୁରା ନିର୍ବାଚନମଣ୍ଡଳୀର ଯୁବ ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ଅତିରିକ୍ତ ସଚିବ ଜୟନ୍ତ କୁମାର ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ବିଜେପି ନେତା ସୁମନ୍ତ ଘଡେଇ, ବିଜେଡି ନେତା ଅମରେଶ ପତ୍ରୀ, କଂଗ୍ରେସ ନେତା ମାସୁଦ ଅଲ୍ଲୀ, ଗାନ୍ଧିବାଦୀ ନେତା ସରୋଜବନ୍ଧୁ ଦାଶ ଏବଂ ବହୁ ସାହିତ୍ୟିକ, ପ୍ରଶାସକ ଓ ବୁଦ୍ଧିଜୀବୀ ସ୍ୱର୍ଗତ ରାଉତଙ୍କ କର୍ମମୟ ଜୀବନୀକୁ ସ୍ମରଣ କରିଥିଲେ। ସ୍ୱର୍ଗତ ଚିତ୍ତରଞ୍ଜନ ରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରସ୍ତୁତ ସ୍ମରଣିକା "ମାଟିର ମଣିଷ ଚିତ୍ତରଞ୍ଜନ' ଉନ୍ମୋଚିତ ହୋଇଥିଲା। ଶିକ୍ଷାବିତଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଅରୁଣ କୁମାର ସାହୁ ଏବଂ ପୂର୍ବତନ ଆୟକର କମିସନର ଶୋଭନ କରଙ୍କ ପକ୍ଷରୁ ପ୍ରେରିତ ଶୋକବାର୍ତ୍ତା ସଭାରେ ପାଠ କରାଯାଇଥିଲା। ଏହି ସମଗ୍ର କାର୍ଯ୍ୟକ୍ରମକୁ ଡ. ସତ୍ୟରଞ୍ଜନ ରାଉତ, ମୃଣ୍ମୟ ରାଉତ, ମୃତ୍ୟୁଞ୍ଜୟ ରାଉତ ଓ ରଶ୍ମିରଞ୍ଜନ ରାଉତ ପରିଚାଳନା କରିଥିଲେ।

# କମର୍ସ ପଏଣ୍ଟର ଶତପ୍ରତିଶତ ସଫଳତା



**ସାଲେପୁର,୨୧।୫(ସମିସ):** ଚଳିତ ବର୍ଷ ପ୍ରକାଶିତ ଯୁକ୍ତ ଦୁଇ ବାଣିଜ୍ୟ ପରୀକ୍ଷାରେ ସାଲେପୁରର ପ୍ରମୁଖ ଶିକ୍ଷାନୁଷ୍ଠାନ "କମର୍ସ ପଏଣ୍ଟ'ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଏହି ଅଭୂତପୂର୍ବ ସଫଳତା ଉପଲକ୍ଷେ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟାପକ ମନୋଜ ବେହୁରାଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କମର୍ସ ପଏଣ୍ଟର ଛାତ୍ରୀ ଅନନ୍ୟା ସ୍ୱାଇଁ ୯୭.୩୩ ପ୍ରତିଶତ ମାର୍କ ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସଭାରେ ବିଶେଷ ଭାବେ ପୁରସ୍କୃତ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର, ଅଶୋକ ସ୍ୱାଇଁ, ଅସିତ ବାରିକ ଏବଂ ମାନସ ରଞ୍ଜନ ବେହୁରା କଲେଜ ଟପ୍ପର ଅନନ୍ୟାଙ୍କ ସମେତ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା କୃତୀ ପ୍ରତିଭା ରିତିମୁକ୍ତା ସାହୁ, ଇପ୍ସା ପ୍ରିୟଦର୍ଶିନୀ, ସିମରନ୍ ପରିଡ଼ା, ନିରୂପମା ସରାଇ, ଅନୁସୟା ସାହୁ, ସିମରନ୍ ରାଉତରାୟ, କିରଣ କୁମାର ସାହୁ, ଶୁଭସ୍ମିତା ତ୍ରିପାଠୀ ଓ ବୈଦ୍ୟମୋହନ ଦାସଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ ଏହି ଶିକ୍ଷାନୁଷ୍ଠାନରୁ ଚଳିତ ବର୍ଷ ୧୦ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ, ୨୫ ଜଣ ଛାତ୍ରଛାତ୍ରୀ ୫୦୦ରୁ ଅଧିକ ନମ୍ବର ଏବଂ ମୋଟ ୭୫ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ଗୌରବମୟ ପ୍ରଦର୍ଶନ ପାଇଁ ଅନୁଷ୍ଠାନର ପ୍ରତିଷ୍ଠାତା ସମସ୍ତଙ୍କୁ ଆନ୍ତରିକ ଶୁଭକାମନା ଜଣାଇଛନ୍ତି।

# ଋଣ ଭାର ସହି ନପାରି ବ୍ୟାଙ୍କ ମିତ୍ରଙ୍କ ଆତ୍ମହତ୍ୟା

● ଫଗୋଳ ପଞ୍ଚାୟତ କାର୍ଯ୍ୟାଳୟରୁ ମୃତଦେହ ଉଦ୍ଧାର

**ନିଶ୍ଚିନ୍ତକୋଇଲି,୨୧।୫(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଫଗୋଳ ପଞ୍ଚାୟତର ବ୍ୟାଙ୍କ ମିତ୍ର, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ତଥା କେନ୍ଦୁପାଟଣା ଛକସ୍ଥିତ "ଗିରିଧାରୀ ପୃଷ୍ଟି ସୁଇଟ୍ସ'ର ମାଲିକ ହିମାଂଶୁ ଶେଖର ପୃଷ୍ଟି (୪୫) ଗୁରୁବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗଭୀର ଆର୍ଥିକ ଋଣ ଭାର ଯୋଗୁଁ ସ୍ୱର୍ଗତ ପୃଷ୍ଟି ଗତ କିଛି ଦିନ ହେବ ପ୍ରବଳ ମାନସିକ ଚାପରେ ରହିଥିଲେ। ଗୁରୁବାର ମଧ୍ୟାହ୍ନରେ ସେ ବ୍ୟାଙ୍କ କାର୍ଯ୍ୟରେ ଯାଉଛନ୍ତି ବୋଲି ଘରୁ କହି ବାହାରିଥିଲେ ଏବଂ ପରବର୍ତ୍ତୀ ସମୟରେ ଫଗୋଳ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ଏକ ଫ୍ୟାନ୍‌ରେ ରଶି ଲଗାଇ ଝୁଲି ପଡ଼ିଥିଲେ। ସାଲେପୁର ଓ ନିଶ୍ଚିନ୍ତକୋଇଲି ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରି ସଂରକ୍ଷଣ ଗୃହରେ ରଖିଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଯିବ। ହିମାଂଶୁଙ୍କ ମୃତ୍ୟୁ ଖବର ପାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶହ ଶହ ଲୋକଙ୍କ ଭିଡ଼ ଜମିବା ସହ କେନ୍ଦୁପାଟଣା ଛକ ବ୍ୟବସାୟୀ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ପୃଷ୍ଟିଙ୍କ ପଛରେ ତାଙ୍କର ବିଧବା ପତ୍ନୀ ଓ ଏକମାତ୍ର ପୁତ୍ର ରହିଛନ୍ତି। ଏହି ସମ୍ପର୍କରେ ତାଙ୍କ ବଡ଼ ଭାଇ ଅଜୟ କୁମାର ପୃଷ୍ଟି ସାଲେପୁର ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଛନ୍ତି।



# ଡାକ୍ତର ପଦ ପୂରଣ ନ ହେଲେ ଧାରଣା ଚେତାବନୀ

**ସାଲେପୁର,୨୧।୫(ସମିସ):** ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ (ସିଏଚସି) ଦିନକୁ ଦିନ ରୋଗୀ ସେବା ବିପର୍ଯ୍ୟସ୍ତ ହେଉଥିବା ପ୍ରତିବାଦରେ ଆସନ୍ତା ୨୮ ତାରିଖରୁ ମେଡିକାଲ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରିଲେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ସହରାଞ୍ଚଳ ବିକାଶ ପରିଷଦ ଓ ସ୍ଥାନୀୟ ନାଗରିକ କମିଟି ପକ୍ଷରୁ ସାଲେପୁର ତହସିଲଦାରଙ୍କ ଜରିଆରେ କଟକ ଜିଲ୍ଲାପାଳଙ୍କୁ ଏହି ସମ୍ପର୍କିତ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ଏହି ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଅଧୀକ୍ଷକ ନ ଥିବାରୁ ପରିଚାଳନାଗତ ତ୍ରୁଟି ଦେଖାଦେଉଛି। ଏହାସହିତ ଦୀର୍ଘ ଦିନ ହେବ ପ୍ରସୂତିଙ୍କ ପାଇଁ ଅସ୍ତ୍ରୋପଚାର ଓ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ବନ୍ଦ ରହିବା, ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଆଉଟ୍‌ଡୋର ସେବା ନ ମିଳିବା ଏବଂ ୨୪ ଘଣ୍ଟିଆ ଔଷଧ ବିତରଣ ବ୍ୟବସ୍ଥା ନ ହେବା ଯୋଗୁଁ ଦୈନିକ ଶହ ଶହ ରୋଗୀ ଚିକିତ୍ସା ନ ପାଇ ନିରାଶ ହୋଇ ଫେରୁଛନ୍ତି। ପୂର୍ବରୁ ସେପ୍ଟେମ୍ବର ୨୦୨୫ରେ ଏହି ସମସ୍ୟା ନେଇ ହୋଇଥିବା ଆନ୍ଦୋଳନ ସମୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ତୁରନ୍ତ ସ୍ଥାୟୀ ଡାକ୍ତର ନିଯୁକ୍ତିର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଗତ ୮ ମାସ ଭିତରେ କୌଣସି ପଦକ୍ଷେପ ନିଆଯାଇନାହିଁ।

# ସାଇ ମନ୍ଦିରରୁ ଚୋରି

**ନରସିଂହପୁର,୨୧।୫(ସମିସ):** ନରସିଂହପୁର ଥାନା ଅନ୍ତର୍ଗତ ପାଇକପଡ଼ାପାଟଣା ଏବଂ ଫୁଲପଡ଼ା ଗ୍ରାମ ନିକଟରେ ଥିବା ସିରିଡ଼ି ସାଇ ମନ୍ଦିରରୁ ଗତ ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। କିଛି ଅଜ୍ଞାତ ଦୁର୍ବୃତ୍ତ ମନ୍ଦିରର ତାଲା ଭାଙ୍ଗି ଭିତରେ ପଶିବା ସହ ମନ୍ଦିର ସଂଲଗ୍ନ ଗୃହରେ ଥିବା ବିଭିନ୍ନ ମୂଲ୍ୟବାନ ଆସବାବପତ୍ର ଏବଂ ପୂଜା ସାମଗ୍ରୀ ଚୋରି କରି ନେଇଛନ୍ତି। ଏହି ସମ୍ପର୍କରେ ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ନରସିଂହପୁର ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମନ୍ଦିର ଭଳି ଏକ ପବିତ୍ର ସ୍ଥାନରୁ ଚୋରି ହୋଇଥିବାରୁ ସ୍ଥାନୀୟ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୁଲିସ ଫେରାର ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିଛି।

# ଅସମ୍ପୂର୍ଣ୍ଣ ପ୍ରକଳ୍ପ ଉଦ୍‌ଘାଟନ ନାମରେ ପ୍ରତାରଣା

**ମାହାଙ୍ଗା,୨୧।୫(ସମିସ):**

ମାହାଙ୍ଗାରେ ଅର୍ଦ୍ଧନିର୍ମିତ ମେଗା ପାନୀୟ ଜଳ ପ୍ରକଳ୍ପକୁ ଅତି ତରବରିଆ ଭାବେ ଉଦ୍‌ଘାଟନ କରାଯାଇ ଲୋକଙ୍କୁ ପ୍ରତାରିତ କରାଯାଉଥିବା ଅଭିଯୋଗରେ ମହିଳା ବିଜେଡି ପକ୍ଷରୁ କୂଆଁପାଳଠାରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ ସଂଯୋଜନାରେ ନିକଟରେ ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦ୍ୱାରା ଗତ ୧୪ ତାରିଖି ଦିନ ଏହି ଅଧାପନ୍ତରିଆ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା। ଏହାକୁ ନେଇ ମହିଳାମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ସରକାର ଓ ସ୍ଥାନୀୟ ପ୍ରଶାସନର ଦାୟିତ୍ୱହୀନତା ବିରୋଧରେ କଟୁ ସମାଲୋଚନା କରିବା ସହ ତୀବ୍ର ନାରାବାଜି କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଉଦ୍‌ଘାଟନ ସରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ଗ୍ରାମକୁ ଟୋପାଏ ହେଲେ ପାଣି ଆସିନାହିଁ, ଯାହାଫଳରେ ସ୍ଥାନୀୟ ଲୋକେ ଜଳକଷ୍ଟ ଯୋଗୁଁ ଚରମ ହଟହଟାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ ଯେ ମାହାଙ୍ଗା ଅଞ୍ଚଳର ଉତ୍କଟ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ୨୦୨୦ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବଳିଷ୍ଠ ପଦକ୍ଷେପ କ୍ରମେ ପ୍ରାୟ ୨୦୦ କୋଟି ଟଙ୍କା ବ୍ୟୟରେ ଏହି ମେଗା ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏହା ମାହାଙ୍ଗା ବ୍ଲକର ୩୭ଟି ଓ ନିଶ୍ଚିନ୍ତକୋଇଲି ବ୍ଲକର ୭ଟି ଗ୍ରାମପଞ୍ଚାୟତର ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଥିଲା। ମାତ୍ର ଗତ ୨ ବର୍ଷ ହେବ ସ୍ଥାନୀୟ ବିଧାୟକ ଓ ପ୍ରଶାସନର ଆନ୍ତରିକତା ଅଭାବରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଆଜିର ଏହି ପ୍ରତିବାଦ ସଭା ଶେଷରେ ମହିଳା ବିଜେଡି ପକ୍ଷରୁ ମାହାଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ଏବଂ ଏହି ପ୍ରକଳ୍ପ କାର୍ଯ୍ୟକୁ ତୁରନ୍ତ ପୂର୍ଣ୍ଣାଙ୍ଗ କରି ପ୍ରତିଟି ଘରକୁ ପାଣି ଯୋଗାଇବାକୁ ଦୃଢ଼ ଦାବି କରାଯାଇଛି।

**ମାହାଙ୍ଗାରେ ଗର୍ଜିଲେ ମହିଳା**

**ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରେରଣ**



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୬.୮୩ ● ପାଉଣ୍ଡ ୧୨୯.୩୬
- ୟୁରୋ ୧୧୧.୯୪ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୬,୬୦୦ (ଭୁବନେଶ୍ୱର)
- ରୁପା : ୨,୯୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୯୮୩.୦୦
- ନିଫ୍ଟି ୨୩,୬୫୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୫.୨୫ (ଭୁବନେଶ୍ୱର)
- ଡିଜେଲ୍ - ୯୬.୮୩



## ପେଟ୍ରୋଲ, ଡିଜେଲ, ଏଲ୍‌ପିଜି ପରେ ନୂଆ ସଙ୍କଟ

# ଖାଇବା ତେଲ ଭାଳେଣି

- ଦର ୨୦%ରୁ ଅଧିକ ବଢ଼ିଛି
- ମାଲେସିଆ, ଇଣ୍ଡୋନେସିଆରୁ କମୁଛି ଆମଦାନୀ
- ୟୁକ୍ରେନ୍ ଯୁଦ୍ଧ ଯୋଗୁ ସୂର୍ଯ୍ୟମୁଖୀ ତେଲକୁ ନେଇ ଆଶଙ୍କା
- ସାବୁନ, ସାମ୍ପୁ ଏବଂ ଟୁଥପେଷ୍ଟ ମଧ୍ୟ ହେବ ମହଙ୍ଗା



ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ନିକଟରେ ସାରା ଦେଶରେ ତୈଳ ସଙ୍କଟ ଉତ୍କଟ ରୂପ ଧାରଣ କରିଥିଲା। ଏଥିରେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ଗ୍ୟାସ୍ ଯୋଗାଣରେ ବାଧା ସମସ୍ୟାକୁ ଆହୁରି ବଢ଼ାଇଦେଇଛି। ଏବେ ଦେଶ ଆଗରେ ନୂଆ ସଙ୍କଟ ଭାବେ ଉଭା ହୋଇଛି ଖାଇବା ତେଲର ଅଭାବ। ମାଲେସିଆ ଏବଂ ଇଣ୍ଡୋନେସିଆ ଆଡୁ ଯୋଗାଣ କମିଥିବାବେଳେ ୟୁକ୍ରେନ୍ ଯୁଦ୍ଧ ଯୋଗୁ ସୂର୍ଯ୍ୟମୁଖି ତେଲକୁ ନେଇ ଆଶଙ୍କା ବଢ଼ିଯାଇଛି। ଯାହା ଫଳରେ ଗତ ବର୍ଷ ତୁଳନାରେ ଦେଶରେ ଖାଇବା ତେଲ ୨୦ ପ୍ରତିଶତରୁ ଅଧିକ ମହଙ୍ଗା ହୋଇଛି। ଖାଇବା ତେଲ ମହଙ୍ଗା ହେବାର ପ୍ରଭାବ ସିଧା ସଳଖ ଭାବେ ସାବୁନ, ସାମ୍ପୁ ଏବଂ ଟୁଥପେଷ୍ଟ ଉପରେ ପଡିବାକୁ ଯାଉଛି।

ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ବିଶ୍ୱର ୪୦ରୁ ଅଧିକ ଦେଶ ଯାନବାହାନ ଇନ୍ଧନ ପାଇଁ ଜୈବ ଇନ୍ଧନ ଆଡକୁ ମୁହାଁଇଛନ୍ତି। ଏଥିଯୋଗୁ ବିଶ୍ୱରେ ଖାଦ୍ୟ ତେଲ ମୂଲ୍ୟ ବୃଦ୍ଧି ପାଉଛି। ବିଶ୍ୱ ବଜାରରେ ପାମୋଲିନ୍ ଏବଂ ସୋୟାବିନ୍ ତେଲର ମୂଲ୍ୟ ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ପାମୋଲିନ୍ ତେଲ ସାବୁନ, ସାମ୍ପୁ ଏବଂ ଟୁଥପେଷ୍ଟ ଭଳି ସାମଗ୍ରୀ ଉତ୍ପାଦନରେ ବ୍ୟବହୃତ ହୋଇଥାଏ। ପାମ୍ ତେଲର ବୃଦ୍ଧି ପାଉଥିବା ମୂଲ୍ୟ ଯୋଗୁଁ କମ୍ପାନୀଗୁଡ଼ିକ ପୂର୍ବରୁ ସେମାନଙ୍କର ମୂଲ୍ୟ ବୃଦ୍ଧି କରିଛନ୍ତି କିମ୍ବା ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି। ଆମେରିକା, କାନାଡା, ବ୍ରାଜିଲ୍, ଇଣ୍ଡୋନେସିଆ, ମାଲେସିଆ, ଭାରତ ଏବଂ ଚୀନ୍ ଭଳି ପ୍ରମୁଖ ଦେଶଗୁଡ଼ିକ ବିକଳ୍ପ ଇନ୍ଧନ ଭାବରେ ଜୈବ ଇନ୍ଧନକୁ ଦ୍ରୁତ ଗତିରେ ଗ୍ରହଣ କରୁଛନ୍ତି କିମ୍ବା କାମ କରିବା ଆରମ୍ଭ କରିଛନ୍ତି।

ଜୈବ ଇନ୍ଧନ ପାଇଁ ବ୍ୟବହାର କରିବାକୁ ଅନୁମତି ଦେବା ପାଇଁ ଇଣ୍ଡୋନେସିଆ ଭାରତକୁ ପାମ୍ ତେଲ ରପ୍ତାନି ବନ୍ଦ କରିଦେଇଛି। ବ୍ରାଜିଲ୍ ସୋୟାବିନ୍‌ରୁ ଜୈବ ଇନ୍ଧନ ଉତ୍ପାଦନ କରୁଛି। ବିଶ୍ୱ ସୋୟାବିନ୍ ଉତ୍ପାଦନର ୪୦% ବ୍ରାଜିଲ୍ ପାଇଁ ବ୍ରାଜିଲ୍ ଯୋଗଦାନ ରଖୁଛି। ସୂର୍ଯ୍ୟମୁଖୀ ତେଲକୁ ଜୈବ ଇନ୍ଧନ ଭାବରେ ମଧ୍ୟ ବ୍ୟବହାର କରାଯାଉଛି। ଭାରତ ମୁଖ୍ୟତଃ ୟୁରୋପରୁ ସୂର୍ଯ୍ୟମୁଖୀ ତେଲ ଆମଦାନୀ କରେ। ଭାରତ ଏହାର ଖାଇବା ତେଲ ଆବଶ୍ୟକତାର ୬୦%ରୁ ଅଧିକ ମୁଖ୍ୟତଃ ପାମୋଲିନ୍ ତେଲ ଆମଦାନୀ କରେ। ପାମୋଲିନ୍ ଏବଂ ସୋୟାବିନ୍ ଅଭାବ ଯୋଗୁଁ ଗତ ଅଢ଼େଇ ମାସ ମଧ୍ୟରେ ଏହି ଦୁଇଟି ଖାଇବା ତେଲର ମୂଲ୍ୟ ଘରୋଇ ଭାବରେ ୨୦%ରୁ ଅଧିକ ବୃଦ୍ଧି ପାଇଛି। ଏହା ସୋରିଷ ତେଲକୁ ମଧ୍ୟ ପ୍ରଭାବିତ କରୁଛି।

ବର୍ତ୍ତମାନ ବଜାରରେ ସୋରିଷ ତେଲର ମୂଲ୍ୟ ପ୍ରତି ଲିଟର ୧୭୦-୨୦୦ ଟଙ୍କାରେ ପହଞ୍ଚିଛି, ଯାହା ଗତ ବର୍ଷ ୧୨୦-୧୫୦ ଟଙ୍କା ଥିଲା। ସୂର୍ଯ୍ୟମୁଖୀ ତେଲର ମୂଲ୍ୟ ପ୍ରତି ଲିଟର ୧୬୦-୧୯୦ଟଙ୍କା, ସୋୟାବିନ୍ ତେଲ ୧୩୦-୧୫୦ ଟଙ୍କା, ବାଦାମ ତେଲ ୧୮୦-୨୦୦ ଟଙ୍କା ଏବଂ ପାମ୍ ତେଲ ୧୪୫-୧୬୫ ଟଙ୍କାରେ ପହଞ୍ଚିଛି। ଗତ ବର୍ଷ ସମାନ ସମୟ ତୁଳନାରେ ବଜାରରେ ସମସ୍ତ ଖାଇବା ତେଲର ଖୁଚୁରା ମୂଲ୍ୟ ୩୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଖାଇବା ତେଲ ଶିଳ୍ପ ସଂଗଠନ ଏସ୍‌ଇଏ ତୈଳ ବିହନର ଘରୋଇ ଉତ୍ପାଦନ ବୃଦ୍ଧି କରିବା, ଆଧୁନିକ କୃଷି ପଦ୍ଧତି ଗ୍ରହଣ କରିବା ଏବଂ ସଚେତନ ବ୍ୟବହାର ଅଭ୍ୟାସ ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରିଛି। ସଲଭେଣ୍ଟ ଏକ୍ସଟ୍ରାକ୍ଟରସ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏସ୍‌ଇଏ)ର ସଭାପତି ସଞ୍ଜୀବ ଆସ୍ଥାନା ଏହାର ସଦସ୍ୟମାନଙ୍କୁ ଲେଖିଥିବା ଏକ ପତ୍ରରେ ଖାଦ୍ୟ ତେଲର ବର୍ଦ୍ଧିତ ଆମଦାନୀ ମୂଲ୍ୟ ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ସୃଷ୍ଟି ହୋଇଥିବା ବାଧାକୁ ଦୂର କରିବା ପାଇଁ ସେ ନୀତିଗତ ସମର୍ଥନ ମଧ୍ୟ ଲୋଡିଛନ୍ତି।

■ ବଢୁଛି ସୁନା ଋଣ ଚାହିଦା

## ୩ ମାସରେ ଋଣ ପରିମାଣରେ ୫୦% ବୃଦ୍ଧି

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଭାରତରେ ସୁନା ଋଣ ବଜାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରେ ମୋଟ ସୁନା ଋଣ ପରିମାଣ ୧୮.୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବା ଆକଳନ କରାଯାଇଛି। ଏହି ପରିମାଣର ପ୍ରାୟ ୭୫% କେବଳ ୫ଟି ଦକ୍ଷିଣ ଭାରତୀୟ ରାଜ୍ୟରୁ ଆସିଛି। ତାମିଲନାଡୁ ଏଥିରେ ଆଗରେ ରହିଛି, ଯେଉଁଠାରେ ସୁନା ଋଣ ୫.୯୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅନ୍ୟପକ୍ଷରେ, ଦେଶର ଉତ୍ତର ଏବଂ ପୂର୍ବ ରାଜ୍ୟଗୁଡ଼ିକରେ ସୁନା ଋଣ ବଜାର ବହୁତ ଛୋଟ ରହିଛି। ନିକଟରେ ପ୍ରଧାନମନ୍ତ୍ରୀ ମୋଦୀ ସୁନା ନ କିଣିବାକୁ ଲୋକଙ୍କୁ ଅନୁରୋଧ କରିଥିବାବେଳେ, ଗତ ବର୍ଷକ ମଧ୍ୟରେ ସୁନା ଋଣ ବଜାରରେ ୫୦.୪% ବୃଦ୍ଧି ଘଟିଛି। ଏହା ଗତ ଦୁଇ ବର୍ଷ ମଧ୍ୟରେ ଏକ ଦୃଢ଼ ଅଭିବୃଦ୍ଧି ଦର୍ଶାଉଛି।

**ସର୍ବାଧିକ ସୁନା ବନ୍ଧକ ରଖିଛନ୍ତି ୫ରାଜ୍ୟର ଲୋକେ**

ସର୍ବାଧିକ ସୁନା ଋଣ ନେଇଥିବା ୫ ଦକ୍ଷିଣ ଭାରତୀୟ ରାଜ୍ୟ ହେଉଛି ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତେଲେଙ୍ଗାନା ଏବଂ କେରଳ। ଏହି ରାଜ୍ୟଗୁଡ଼ିକର ମୋଟ ସୁନା ଋଣ ୧୩.୯୪ ଲକ୍ଷ କୋଟି ଟଙ୍କା ରହିଛି। ଏହି ଦ୍ରୁତ ବୃଦ୍ଧି ସୁନା ଋଣକୁ ଦେଶର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଋଣ କ୍ଷେତ୍ର ମଧ୍ୟରୁ ଗୋଟିଏ କରିଦେଇଛି। ଅନ୍ୟପକ୍ଷରେ, ଦେଶର ସର୍ବାଧିକ ଜନବହୁଳ ରାଜ୍ୟ ଉତ୍ତର ପ୍ରଦେଶରେ ସୁନା ଋଣ ପରିମାଣ କେବଳ ୪୨,୩୦୦ କୋଟି ଟଙ୍କା। ମହାରାଷ୍ଟ୍ର, ଗୁଜରାଟ, ରାଜସ୍ଥାନ ଏବଂ ପଶ୍ଚିମବଙ୍ଗ ଭଳି ବଡ଼ ରାଜ୍ୟରେ ମଧ୍ୟ ଏହି ସଂଖ୍ୟା ଦକ୍ଷିଣ ରାଜ୍ୟ ତୁଳନାରେ ବହୁତ କମ୍। ସୁନା ମୂଲ୍ୟରେ ବୃଦ୍ଧି, ସହଜ ଋଣର ଚାହିଦା ଏବଂ ଅନ୍ୟ କିଛି ପାରମ୍ପରିକ କାରଣ ଯୋଗୁଁ ଦକ୍ଷିଣ ଭାରତ ଏହି ବଜାରରେ ସମ୍ପୂର୍ଣ୍ଣ ଭାବରେ ପ୍ରାଧାନ୍ୟ ବିସ୍ତାର କରିଛି। ତାମିଲନାଡୁ ପଛକୁ ଆନ୍ଧ୍ର ପ୍ରଦେଶରେ ୩.୦୮ ଲକ୍ଷ କୋଟି, କର୍ଣ୍ଣାଟକ ୨.୧୮ ଲକ୍ଷ କୋଟି, ତେଲେଙ୍ଗାନା ୧.୬୦ ଲକ୍ଷ କୋଟି ଏବଂ କେରଳରେ ୧.୪୫ ଲକ୍ଷ କୋଟି ଟଙ୍କାର ସୁନା ଋଣ ରେକର୍ଡ କରାଯାଇଛି। ବିଶେଷଜ୍ଞଙ୍କ ଅନୁଯାୟୀ, ଦକ୍ଷିଣ ଭାରତରେ ସୁନା ନିବେଶର ଦୃଢ଼ ପରମ୍ପରା ଏବଂ ଛୋଟ ବ୍ୟବସାୟ ଏବଂ ବ୍ୟକ୍ତିଗତ ଆବଶ୍ୟକତା ପାଇଁ ସୁନା ଋଣର ବର୍ଦ୍ଧିତ ବ୍ୟବହାର ଏହି ରାଜ୍ୟଗୁଡ଼ିକରେ ସୁନା ଋଣର ଉଚ୍ଚ ଅଂଶକୁ ଯୋଗଦାନ ରଖିଛି।

## ୬ ଦିନ ଲଗାତାର ବନ୍ଦ ରହିବ ଷ୍ଟେଟ୍ ବ୍ୟାଙ୍କ

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଚଳିତ ସପ୍ତାହରୁ କ୍ରମାଗତ ଭାବେ ୬ଦିନ ଧରି ବନ୍ଦ ରହିବ। ବ୍ୟାଙ୍କର ଶାଖାଗୁଡ଼ିକ ମେ' ୨୩ ରୁ ୨୮ ମଧ୍ୟରେ ଲଗାତାର କିଛି ଦିନ ପାଇଁ ବନ୍ଦ ରହିପାରେ। ଏହି ସମୟ ମଧ୍ୟରେ ସପ୍ତାହାନ୍ତ ଛୁଟି, ପ୍ରସ୍ତାବିତ କର୍ମଚାରୀ ଧର୍ମଘଟ ଏବଂ ବକ୍ରି ଇଦ୍ ଯୋଗୁଁ ଏସ୍‌ବିଆଇ ଶାଖାଗୁଡ଼ିକ ବନ୍ଦ ରହିବ। ମେ ' ୨୩ ହେଉଛି ଚଳିତମାସର ଚତୁର୍ଥ ଶନିବାର। ତେଣୁ, ଏସ୍‌ବିଆଇ ସମେତ ଦେଶର ସମସ୍ତ ବ୍ୟାଙ୍କ ଏହି ଦିନ ବନ୍ଦ ରହିବ। ଏହାବ୍ୟତୀତ, ରବିବାର ଯୋଗୁଁ ସାରା ଦେଶର ବ୍ୟାଙ୍କଗୁଡ଼ିକ ମେ' ୨୪ ରେ ବନ୍ଦ। ଅପରପକ୍ଷେ ଏସ୍‌ବିଆଇ କର୍ମଚାରୀ ସଂଘ ମେ' ୨୫ ସୋମବାର ଏବଂ ୨୬ ମଙ୍ଗଳବାର ଦୁଇ ଦିନିଆ ଧର୍ମଘଟ ପ୍ରସ୍ତାବ ଦେଇଛି। ଫଳସ୍ୱରୂପ ମେ' ୨୫ ଏବଂ ୨୬ ରେ ଏସ୍‌ବିଆଇ ଶାଖାଗୁଡ଼ିକ ମଧ୍ୟ ବନ୍ଦ ରହିପାରେ। ମେ' ୨୫ ଏବଂ ୨୬ରେ ହେବାକୁ ଥିବା ଏହି ଧର୍ମଘଟ ଡାକରା ଅଲ୍ ଇଣ୍ଡିଆ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଷ୍ଟାଫ୍ ଫେଡେରେସନ୍ ଦେଇଛି। ସଂଗଠନ କହିଛି ଯେ କର୍ମଚାରୀଙ୍କ ଅନେକ ସମସ୍ୟାକୁ ଦୀର୍ଘ ସମୟ ଧରି ଅଣଦେଖା କରାଯାଇଛି ଏବଂ ଚୁକ୍ତିନାମାଗୁଡ଼ିକ ସଠିକ୍ ଭାବରେ କାର୍ଯ୍ୟକାରୀ ହେଉନାହିଁ। ତେଣୁ ଧର୍ମଘଟ ହେବ। ମେ' ୨୭ ରେ ବକ୍ରି ଇଦ୍ ପାଇଁ ଛୁଟି ଏବଂ ୨୮ ରେ କିଛି ସହରରେ ବ୍ୟାଙ୍କଗୁଡ଼ିକ ମଧ୍ୟ ବନ୍ଦ ରହିବ।

**ମେ' ୨୫ ଏବଂ ୨୬ ଧର୍ମଘଟ**

## ପାର୍ଲେ ପ୍ରଡକ୍ଟସ୍ ସ୍ଥାନରେ ପାର୍ଲେ ଇଣ୍ଡଷ୍ଟ୍ରିଜ୍ ଶେୟାର କିଣିଲେ ନିବେଶକ

ମୁମ୍ବଇ,୨୧।୫(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କୁ ପାର୍ଲେ ମେଲୋଡି ଟଫିର ଗୋଟିଏ ପ୍ୟାକେଟ ଉପହାରରେ ଦେଇଥିଲେ। ଯାହାର ଏକ ଭିଡିଓ ଖୁବ୍ ଭାଇରାଲ ହୋଇଛି। ଭିଡିଓରେ ପିଏମ ମୋଦୀ, ମେଲୋନୀଙ୍କୁ ଚକୋଲେଟ ପ୍ୟାକେଟ ଦେଉଛନ୍ତି। ଏହି ଭିଡିଓଟି ଖୁବ୍ ଭାଇରାଲ ହୋଇଗଲା। କିନ୍ତୁ ଏଥିସହ ଜଡ଼ିତ ଏକ ମଜାଦାର ଘଟଣା ଦେଖିବାକୁ ମିଳିଛି ଗୁରୁବାର ସେୟାର ବଜାରରେ। ଆଉ ଏହି ମଜାଦାର ଘଟଣା ମେଲୋଡୀ ନାମକୁ ନେଇ। ସୂଚନାଯୋଗ୍ୟ ଯେ, ମେଲୋଡୀ ଟଫି ତିଆରି କରୁଥିବା କମ୍ପାନୀ ହେଉଛି ପାର୍ଲେ ପ୍ରଡକ୍ଟସ୍, କିନ୍ତୁ ଏହା ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ନୁହେଁ। ମୋଦୀ, ମେଲୋନୀଙ୍କୁ ମେଲୋଡି ଟଫି ଦେବା ପରେ ନିବେଶକମାନେ ଭୁଲବଶତଃ ରିଅଲ୍ ଇଷ୍ଟେଟ୍ କମ୍ପାନୀ ପାର୍ଲେ ଇଣ୍ଡଷ୍ଟ୍ରିଜର ଶେୟାରକୁ ପାର୍ଲେ ପ୍ରଡକ୍ଟସ୍ ଶେୟାର ଭାବି କିଣିପକାଇଥିଲେ।

**ମୋଦୀଙ୍କ ମେଲୋଡି ଡିପ୍ଲୋମାସୀ**

**ଅପର ସର୍କିଟ ଧରିଲା ରିଅଲ୍‌ଇ ଷ୍ଟେଟ୍ କମ୍ପାନୀର ଷ୍ଟକ୍**

**ବଦଳିଗଲା ପାର୍ଲେ ଇଣ୍ଡଷ୍ଟ୍ରିଜ୍ ଭାଗ୍ୟ**

ଯାହାଫଳରେ ମଙ୍ଗଳବାର ପାର୍ଲେ ଇଣ୍ଡଷ୍ଟ୍ରିଜର ଷ୍ଟକ୍ ୫% ଅପର ସର୍କିଟରେ ପହଞ୍ଚିଥିଲା। ଆଉ କମ୍ପାନୀର ସେୟାର ମୂଲ୍ୟ ୫ ଟଙ୍କା ୨୫ ପଇସାରେ ପହଞ୍ଚିଥିଲା। ବିଶେଷଜ୍ଞଙ୍କ ମତରେ ଅନ୍ଲାଇନ ଭିଡିଓଟି ଭାଇରାଲ ହେବା ପରେ, ନିବେଶକମାନେ ଠିକ୍ ଭାବରେ ଯାଞ୍ଚ ନ କରି ଏହି ପେନି ଷ୍ଟକ୍ କିଣିପକାଇଥିଲେ। ସୋସିଆଲ ମିଡିଆରେ ମେଲୋଡୀ ବ୍ରାଣ୍ଡକୁ ନେଇ ବ୍ୟାପକ ଚର୍ଚ୍ଚା ଷ୍ଟକ୍ ବଜାରରେ ଏହି ଭୁଲ ଧାରଣା ସୃଷ୍ଟି କରିଥିଲା।



ସୂଚନାଥାଉକି, ମେଲୋଡୀ ଟଫି ପାର୍ଲେ ପ୍ରଡକ୍ଟସ୍ ଦ୍ୱାରା ପ୍ରସ୍ତୁତ କରାଯାଏ। ଏହି କମ୍ପାନୀ ପାର୍ଲେ-ଜି ବିସ୍କୁଟ ଏବଂ ଅନ୍ୟାନ୍ୟ ଅନେକ ମିଠା ସାମଗ୍ରୀ ପାଇଁ ଜଣାଶୁଣା। ହେଲେ ହଠାତ ଭିଡିଓ ଭାଇରାଲ ପରେ ଲୋକେ ପାର୍ଲେ ଇଣ୍ଡଷ୍ଟ୍ରିଜର ସେୟାର କଣିବା ଆରମ୍ଭ କରିଥିଲେ। ଫଳରେ ତାହାର ସେୟାର ବୃଦ୍ଧି ପାଇଛି। ହେଲେ ଏ କମ୍ପାନୀ ଇନଫ୍ରାଷ୍ଟକଚର, ରିଅଲ୍ ଇଷ୍ଟେଟ୍ ଏବଂ କାଗଜ ବର୍ଜ୍ୟର ପୁନଃଚକ୍ରଣ ବ୍ୟବସାୟରେ କାମ କରିଥାଏ। ସେପଟେ ଏହି ଘଟଣାକୁ ନେଇ ପାର୍ଲେ ପ୍ରଡକ୍ଟସ୍ ଏକ୍ସ'ରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛି। କମ୍ପାନୀ କମ୍ପାନୀ କହିଛି, 'ପାର୍ଲେ ମେଲୋଡିକୁ ବିଶ୍ୱରେ ପରିଚିତ କରାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ।

■ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନା

## ଘରେ ରୁଫ୍‌ଟପ୍ ସୋଲାର ଲଗାଇଲେ ହକି ତାରକା ଅମିତ ରୋହିଦାସ



ଭୁବନେଶ୍ୱର, ୨୧।୫(ସମିସ): ଭାରତୀୟ ହକି ଖେଳାଳି ତଥା ଅଲିମ୍ପିଆନ୍ ଅମିତ ରୋହିଦାସ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନା ଅଧୀନରେ ନିଜ ଘରେ ରୁଫ୍‌ଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରି ସୌର ଶକ୍ତିକୁ ଆପଣେଇଛନ୍ତି। ଏହି ପଦକ୍ଷେପ ଯୋଗୁଁ ସୋଲାର ସିଷ୍ଟମ୍ ଲଗାଇବା ଖର୍ଚ୍ଚ ଯଥେଷ୍ଟ କମିଯାଇଛି ଏବଂ ଏହାସହ ଦୀର୍ଘ ସମୟ ପାଇଁ ବିଦ୍ୟୁତ ବିଲ୍ରେ ମଧ୍ୟ ବହୁତ ସଞ୍ଚୟ ସୁନିଶ୍ଚିତ ହୋଇଛି। ତାଙ୍କର ଏହି ନିଷ୍ପତ୍ତି ସ୍ୱଚ୍ଛ ଓ ଦୀର୍ଘସ୍ଥାୟୀ ଶକ୍ତି ବିକଳ୍ପକୁ ଆପଣେଇବା ଦିଗରେ ଉପଭୋକ୍ତାମାନଙ୍କ ମଧ୍ୟରେ ବଢୁଥିବା ବିଶ୍ୱାସକୁ ଦର୍ଶାଉଛି। ଏ ସମ୍ପର୍କରେ ଅନୁଭୂତି ବାଣ୍ଟି ଅମିତ କହିଛନ୍ତି ଯେ, ଆମେ ଯେତେବେଳେ ପଡ଼ିଆରେ ଖେଳୁ, ଆମ ପାଇଁ ପ୍ରତିଟି ସେକେଣ୍ଡ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଠିକ୍ ସେହିପରି, ଆମ ଘର ପାଇଁ ପ୍ରତି ୟୁନିଟ୍ ବିଦ୍ୟୁତ୍ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନା ମାଧ୍ୟମରେ ମୁଁ ସୌର ଶକ୍ତି ଆପଣେଇଛି ଏବଂ ୧,୩୮,୦୦୦ ଟଙ୍କାର ସବ୍ସିଡି ପାଇଛି।

## ହୋଟେଲ୍ ପ୍ରାଚୀ ସରୋବର ପ୍ରିମିୟର ରାଜଧାନୀରେ



ଭୁବନେଶ୍ୱର,୨୧।୫(ସମିସ) : ସରୋବର ହୋଟେଲ୍ସ ପ୍ରାଚୀ ରିସର୍ଟସ୍ ସହଭାଗିତାରେ ପ୍ରାଚୀ ସରୋବର ପ୍ରିମିୟର ଭୁବନେଶ୍ୱରରେ ଉଦଘାଟିତ ହୋଇଯାଇଛି। ଏହାକୁ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଅନଲାଇନ୍ରେ ଯୋଗଦେଇ ଉଦଘାଟନ କରିଛନ୍ତି। ଏହି ଅବସରରେ କାର୍ଯ୍ୟକ୍ରମରେ ସରୋବର ହୋଟେଲ୍ସ ଏବଂ ଲୁଭ୍ର ହୋଟେଲ୍ସ ଇଣ୍ଡିଆର ନିର୍ଦ୍ଦେଶକ ଅଜୟ କେ. ବାକାୟା, ପ୍ରାଚୀ ରିସର୍ଟସ୍ ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀ ସିଂହ ଦେବୀ, ନିର୍ଦ୍ଦେଶକ ମନ୍ମଥ ବିଜୟ ସିଂହ ଦେଓ ଓ କଳିକେଶ ନାରାୟଣ ସିଂହ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

## ୮ ହଜାର କର୍ମଚାରୀ ଛଟେଇ କରିବ ମେଟା

**ୱାର୍କଫ୍ରମ୍ ହୋମ୍ କହି ଠକିଲା କମ୍ପାନୀ**




ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ବିଶ୍ୱର ସବୁଠାରୁ ବଡ଼ ଟେକ୍ କମ୍ପାନୀଗୁଡ଼ିକ ମେଟା ପୁଣି ଥରେ ବଡ଼ ଧରଣର ଛଟେଇ ଆରମ୍ଭ କରିଛି। ଏଥର, କମ୍ପାନୀର ଆଭିମୁଖ୍ୟ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଆଶ୍ଚର୍ଯ୍ୟଜନକ। କର୍ମଚାରୀମାନଙ୍କୁ ପ୍ରଥମେ ହଠାତ୍ ୱାର୍କଫ୍ରମ୍ ହୋମ୍ କରିବାକୁ କୁହାଗଲା, ଏବଂ ତା'ପରେ ସକାଳେ ଇ-ମେଲ୍ ମାଧ୍ୟମରେ ଚାକିରିରୁ ବାହାର କରାଯିବା ବିଷୟରେ ସୂଚନା ଦିଆଗଲା। ରିପୋର୍ଟ ଅନୁଯାୟୀ, ଫେସବୁକ୍ ଏବଂ ଇନଷ୍ଟାଗ୍ରାମର ମୂଳ କମ୍ପାନୀ ମେଟା ପ୍ରାୟ ୮୦୦୦ କର୍ମଚାରୀଙ୍କୁ ଛଟେଇ କରୁଛି, ଯାହା ଏହାର ମୋଟ କର୍ମଚାରୀଙ୍କ ସଂଖ୍ୟାର ପ୍ରାୟ ୧୦%। ପ୍ରଥମେ ସିଙ୍ଗାପୁରର କର୍ମଚାରୀମାନଙ୍କୁ ଇ-ମେଲ୍ ପଠାଯାଇଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ସମୟ କ୍ଷେତ୍ର ଆଧାରରେ ଆମେରିକା, ୟୁକେ ଏବଂ ଅନ୍ୟାନ୍ୟ ଦେଶରେ ବିଜ୍ଞପ୍ତି ଆସିବା ଆରମ୍ଭ ହୋଇଥିଲା। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ସିଙ୍ଗାପୁରର କର୍ମଚାରୀମାନେ ସ୍ଥାନୀୟ ସମୟ ପ୍ରାୟ ୪ ଟାରେ ଇମେଲ୍ ପାଇଲେ। ଭାରତୀୟ ସମୟ ପ୍ରାୟ ୧ଟା ୩୦ ମିନିଟ୍ରେ ଇ-ମେଲ୍ ପଠାଯାଇଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ଦେଶର କର୍ମଚାରୀମାନଙ୍କୁ ସମାନ ବିଜ୍ଞପ୍ତି ପଠାଯାଇଥିଲା।

## ସୁନ୍ଦରଗଡ଼ରେ ଏୟୁ ଫାଉଣ୍ଡେସନର ପାଲିଏଟିଭ୍ କେୟାର ସେବା ପ୍ରକଳ୍ପ

ଭୁବନେଶ୍ୱର, ୨୧।୫ (ସମିସ): ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ସିଏସଆର ଶାଖା ଏୟୁ ଫାଉଣ୍ଡେସନ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାରେ ୧୨ ମାସିଆ ଗୃହ-ଭିତ୍ତିକ ପାଲିଏଟିଭ୍ କେୟାର (ଉପଶମକାରୀ ଚିକିତ୍ସା) ସେବା ପ୍ରକଳ୍ପ ଆରମ୍ଭ କରିବା ପାଇଁ ଭୁବନେଶ୍ୱରର ଅମୃତ ଧାରା ପାଲିଏଟିଭ୍ କେୟାର ଟ୍ରଷ୍ଟ ସହ ହାତ ମିଳାଇଛି। ଏହି ପ୍ରକଳ୍ପ ମାଧ୍ୟମରେ, ଏୟୁ ଫାଉଣ୍ଡେସନ ଅଞ୍ଚଳର ଗୁରୁତର ସ୍ୱାସ୍ଥ୍ୟସେବା ସମସ୍ୟାର ସମାଧାନ କରିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଏକ ଦଳ ନିୟମିତ ଭାବେ ରୋଗୀଙ୍କ ଘରକୁ ଯିବେ, ଯନ୍ତ୍ରଣା ଓ ରୋଗର ଲକ୍ଷଣ ପରିଚାଳନା କରିବେ,ରୋଗୀ ଓ ସେମାନଙ୍କ ପରିବାରକୁ ମାନସିକ ପରାମର୍ଶ (କାଉନସେଲିଂ) ପ୍ରଦାନ କରିବେ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦେଇ ସ୍ଥାନୀୟ ସ୍ତରରେ ଏକ ସ୍ଥାୟୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଗଢ଼ି ତୋଳିବେ। ସୁନ୍ଦରଗଡ଼ ହେଉଛି ପ୍ରମୁଖ ଶିଳ୍ପ ଏବଂ ଖଣି କାର୍ଯ୍ୟକଳାପର ଗନ୍ତାଘର, ଯାହାଫଳରେ ଏଠାରେ ବ୍ୟାପକ ଭାବେ ବୃତ୍ତିଗତ ଏବଂ ପରିବେଶଗତ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥାଏ।

**ଜାପାନ ଟାଇମ୍ସ ରିପୋର୍ଟ**

## ତାଇୱାନ ଓ ଦକ୍ଷିଣ କୋରିଆ ଆଗରେ, ପଛରେ ପଡ଼ିଲା ଭାରତ

**ଗ୍ଲୋବାଲ ଇନଭେଷ୍ଟମେଣ୍ଟ ଫ୍ଲୋ ବଦଳାଇଛି ଏଆଇ ଟ୍ରେଡ୍**

**ଭାରତୀୟ ବଜାର ବିଶ୍ୱର ଶୀର୍ଷ ୫ ବୃହତ୍ ବଜାର ତାଲିକାରୁ ବାଦ୍**

**ବଜାରରେ ବିଦେଶୀ ନିବେଶକଙ୍କ ଅଂଶଧନ ୧୪ ବର୍ଷର ସର୍ବନିମ୍ନ**



ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ବୈଶ୍ୱିକ ପୁଞ୍ଜି ପ୍ରବାହକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଟ୍ରେଡ୍ ସମ୍ପୂର୍ଣ୍ଣ ଭାବେ ବଦଳାଇଦେଇଛି। ଏହି ପରିବର୍ତ୍ତନ ମଧ୍ୟରେ ଭାରତ ଅନ୍ୟ ପଡୋଶୀ ରାଷ୍ଟ୍ରଗୁଡିକଠାରୁ ପଛରେ ପଡିଯାଇଛି। ଏଥିରେ ସବୁଠାରୁ ବଡ଼ କ୍ଷତି ସହିଛି ଭାରତ। ଏକ ବଡ଼ଧରଣର ବିପର୍ଯ୍ୟୟ କ୍ରମେ, ବିଗତ ତିନି ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଭାରତୀୟ ଶେୟାର ବଜାର ବିଶ୍ୱର ଶ୍ରେଷ୍ଠ ୫ ପୁଞ୍ଜିବଜାର ତାଲିକାରୁ ବାଦ୍ ପଡ଼ିବା ସ୍ଥିତିକୁ ଚାଲି ଆସିଛି। ଅନ୍ୟପକ୍ଷରେ ତାଇୱାନ ଏବଂ ଦକ୍ଷିଣ କୋରିଆ ଭଳି ଦେଶଗୁଡ଼ିକରେ ଏଆଇ କାରଣରୁ ଶେୟାର ବଜାର ଉପରମୁହାଁ ହେଉଥିବାବେଳେ ଭାରତୀୟ ବଜାର ନିମ୍ନଗାମୀ ହେବାରେ ଲାଗିଛି। ଫଳରେ ଭାରତ ଏହାର ପୂର୍ବ ସ୍ଥିତି ଫେରିପାଇବା ବଦଳରେ ଆହୁରି ପଛକୁ ପଡ଼ିଯିବାର ଆଶଙ୍କା ଦେଖାଦେଇଥିବା ଜାପାନ ଟାଇମ୍ସରେ ପ୍ରକାଶିତ ଏକ ରିପୋର୍ଟରୁ ଏହା ଜଣାପଡିଛି। ଏହାର କାରଣ କେବଳ ଭାରତୀୟ ଶେୟାରଗୁଡ଼ିକର ମୂଲ୍ୟ ଅଧିକ ହେବା କିମ୍ବା କମ୍ପାନୀଗୁଡ଼ିକର ଆୟ ହ୍ରାସ ପାଇବା ମଧ୍ୟରେ ସୀମିତ ନାହିଁ। ଦିନେ ଯେଉଁ ବୈଶ୍ୱିକ ନିବେଶକମାନେ ଭାରତକୁ ଚୀନ୍ ସହ ସମକକ୍ଷ କରିବା ପାଇଁ ପୋର୍ଟଫୋଲିଓ ପ୍ରସ୍ତୁତ କରୁଥିଲେ, ସେମାନେ ଏବେ ଚିପ୍ ନିର୍ମାଣ, କମ୍ପ୍ୟୁଟିଂ ଇନଫ୍ରାଷ୍ଟ୍ରକ୍ଚର ଏବଂ ଏଆଇ ମଡେଲ୍ ଭଳି କ୍ଷେତ୍ରକୁ ପସନ୍ଦ କରୁଛନ୍ତି, ଯାହା ଭାରତୀୟ ବଜାରରେ ପ୍ରାୟତଃ ନାହିଁ। ଯଦିଓ ଭାରତ ପାଖରେ ପ୍ରତିଭା, ଚାହିଦା ଏବଂ ଡିଜିଟାଲ୍ ସ୍କେଲ୍ ଅଛି, ତଥାପି ଏଠାକାର ପ୍ରମୁଖ କମ୍ପାନୀଗୁଡ଼ିକ ଏହି ଏଆଇ ଭିତ୍ତିଭୂମି ନିର୍ମାଣ ସହ ଜଡ଼ିତ ନୁହନ୍ତି। ଫଳରେ ଭାରତୀୟ ବଜାର ଏବେ କେବଳ ଘରୋଇ ଉପଯୋଗିତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ଚାଲିଛି।

ଗୋଲ୍ଡମ୍ୟାନ୍ ସ୍ୟାଚ୍ ଗ୍ରୁପର ହିସାବ ଅନୁସାରେ, ଭାରତୀୟ ବଜାରରେ ବିଦେଶୀ ନିବେଶକଙ୍କ ଅଂଶଧନ ଏବେ ୧୪ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଆସିଛି। ବିଗତ ୨୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଘରୋଇ ସଂସ୍ଥାଗୁଡ଼ିକ ତୁଳନାରେ ବିଦେଶୀ ନିବେଶକଙ୍କ ପାଖରେ କମ୍ ସେୟାର ରହିଛି। ୨୦୨୪ ସେପ୍ଟେମ୍ବରରେ ଭାରତୀୟ ଶେୟାର ବଜାର ୫.୭୩ ଟ୍ରିଲିୟନ୍ ଡଲାରର ସର୍ବୋଚ୍ଚ ସ୍ତର ଛୁଇଁଥିଲା ଏବଂ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍‌ଟି ୫୦ ବିଶ୍ୱର ସର୍ବୋତ୍ତମ ପ୍ରଦର୍ଶନକାରୀ ବଜାର ହୋଇଥିଲା। କିନ୍ତୁ ସେହି ସର୍ବୋଚ୍ଚ ସ୍ତର ପରଠାରୁ ଏ ପର୍ଯ୍ୟନ୍ତ ପ୍ରାୟ ୯୨୪ ବିଲିୟନ ଡଲାରର ବଜାର ମୂଲ୍ୟ ଧୂଳିସାତ ହୋଇଯାଇଛି। ଚଳିତ ବର୍ଷ ଅଶୋଧିତ ତେଲ ଦର ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ଆଶଙ୍କା ବଢ଼ିଛି ଏବଂଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଉଛି। ୨୦୨୪ ଶେଷ ସୁଦ୍ଧା ବିଦେଶୀ ନିବେଶକମାନେ ପ୍ରାୟ ୪୨ ବିଲିୟନ ଡଲାରର ନେଟ୍ ପାଣ୍ଠି ପ୍ରତ୍ୟାହାର କରିସାରିଛନ୍ତି। ନିବେଶକମାନେ ଏବେ ଦକ୍ଷିଣ କୋରିଆ ଏବଂ ତାଇୱାନ ଆଡ଼କୁ ମୁହାଁଉଛନ୍ତି। ଚଳିତ ବର୍ଷ ଏହି ଦୁଇ ଦେଶର ଏଆଇ-ଚାଳିତ ଇକ୍ୱିଟି ବେଞ୍ଚମାର୍କ ଯଥାକ୍ରମେ ୭୮% ଏବଂ ୪୨% ବୃଦ୍ଧି ପାଇଛି। ଅପରପକ୍ଷରେ, ଭାରତର ଶେୟାର ସୂଚକାଙ୍କ ପ୍ରାୟ ୯% ରୁ ଅଧିକ ହ୍ରାସ ପାଇଛି, ଯାହା ଗତ ଏକ ଦଶନ୍ଧିର କ୍ରମାଗତ ବୃଦ୍ଧି ପରେ ପ୍ରଥମ ବାର୍ଷିକ ହ୍ରାସ ଆଡ଼କୁ ଗତି କରୁଛି। ବର୍ତ୍ତମାନ ଏହି ଦୁଇ ଉତ୍ତର ଏସୀୟ ବଜାର ଭାରତର ମୋଟ୍ ଇକ୍ୱିଟି ବଜାର ମୂଲ୍ୟକୁ ଅତିକ୍ରମ କରିବା ପାଇଁ ମାତ୍ର ୫୦୦ ବିଲିୟନ ଡଲାର ପଛରେ ଅଛନ୍ତି।

ଭାରତର ସଫଳତାର ମେରୁଦଣ୍ଡ ସାଜିଥିବା ଆଇଟି ସେବା କ୍ଷେତ୍ର ଏବେ ବଡ଼ ବିପଦର ସାମ୍ନା କରୁଛି। ଇନଫୋସିସ୍ ଏବଂ ଟାଟା କନସଲଟେନ୍ସି ସର୍ଭିସେସ୍ ଭଳି କମ୍ପାନୀଗୁଡ଼ିକୁ ନେଇ ଗଠିତ ଏହି ୩୧୫ ବିଲିୟନ ଡଲାରର ଶିଳ୍ପ ବିଶ୍ୱର ଗ୍ରାହକମାନଙ୍କ ପାଇଁ ସିଷ୍ଟମ ନିର୍ମାଣ ଓ ରକ୍ଷଣାବେକ୍ଷଣ କରେ। କିନ୍ତୁ ଜେନେରେଟିଭ୍ ଏଆଇ ଟୁଲ୍ସଗୁଡ଼ିକ କୋଡିଂ, ଟେଷ୍ଟିଂ ଏବଂ ବ୍ୟାକ୍-ଅଫିସ୍ କାର୍ଯ୍ୟକୁ ସ୍ୱୟଂଚାଳିତ କରିଦେଉଥିବାରୁ ଏହି ବ୍ୟବସାୟିକ ମଡେଲ ଦୁର୍ବଳ ହେବାରେ ଲାଗିଛି। ଚଳିତ ବର୍ଷ ଏନ୍‌ଏସ୍‌ଇ ନିଫ୍ଟି ଆଇଟି ଇଣ୍ଡେକ୍ସ ପ୍ରାୟ ୨୬%ରୁ ଅଧିକ ହ୍ରାସ ପାଇ ୨୦୨୩ ପରଠାରୁ ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

